ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Vol.26 . No.83 Bhubaneswar Friday May 05 2023 | ୨୬ତମ ବର୍ଷ ସଂଖ୍ୟା-୮୩ ଭୁବନେଶ୍ୱର, ଶୁକ୍ରବାର, ମଇ ୦୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS

## ଲୋକସଭା ଲଢ଼ିବେ ଅରୁଣ ଓ ପ୍ରତାପ ଦେବ, କସରତ୍ ଆରମ୍ଭ





ଭୁବନେଶ୍ୱର,୪।୫(ପି.ଏନ): ଆଗାମୀ ସାଧାରଣ ନିର୍ବାଚନରେ ଅଧିକ ସଂଖ୍ୟକ ଲୋକସଭା ଆସନ ଜିଣିବା ଉପରେ ଦଳ ଗୁରୁତ୍ୱ ଦେବ ବୋଲି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ନେତାମାନଙ୍କୁ ଡାକି ସୂଚନା ଦେବା ପରେ ଏବେ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ କସରତ ଆରମ୍ଭ ହୋଇଥିବା ଜଣାପଡିଛି । ଉପକୂଳ ଓଡିଶାର ପୁରୀ, କେନ୍ଦ୍ରାପଡା, କଟକ, ଭୁବନେଶ୍ୱର ଓ ଢେଙ୍କାନାଳ ଲୋକସଭା ଆସନ ପାଇଁ ବିଜେଡି ନିଜର ପ୍ରଭାବଶାଳୀ ନେତାଙ୍କୁ ମଇଦାନକୁ ଓହ୍ଲାଇବାକୁ ଯୋଜନା କରିଥିବାବେଳେ ପୁରୀ ଲୋକସଭା ସାଂସଦ ପିନାକୀ ମିଶ୍ର ଲୋକସଭା ନିର୍ବାଚନ ଲ ?ିବେ ନାହିଁ ବୋଲି ଦଳୀୟ ସୁପ୍ରିମୋଙ୍କୁ ଅବଗତ କରିସାରିଛନ୍ତି ଓ କେନ୍ଦ୍ରାପଡା ଆସନରେ ଅଭିନେତା ଅନୁଭବ ମହାନ୍ତିଙ୍କୁ ଦଳ ପୁନଃ ଟିକେଟ୍ ଦେବାର ସମ୍ଭାବନା କ୍ଷୀଣ । ସେହିପରି କଟକ, ଭୁବନେଶ୍ୱର ଓ ଢେଙ୍କାନାଳ ଲୋକସଭା ଆସନରେ ମଧ୍ୟ ଦଳ ନିଜର ସାଂସଦ ପ୍ରାର୍ଥୀ ପରିବର୍ତ୍ତନ କରିବ ବୋଲି ଆଭାସ ମିଳିଛି । ଆଉ ଦୁଇ ପ୍ରଭାବଶାଳୀ ନେତା ଅରୁଣ ସାହୁଙ୍କୁ ପୁରୀ ଓ ପ୍ରତାପ କେଶରୀ ଦେବଙ୍କୁ କେନ୍ଦ୍ରାପଡାରେ ବିଜେଡି ଲୋକସଭା ପ୍ରାର୍ଥୀ କରିପାରେ ବୋଲି ଜଣାପଡିଛି । ବିଜେଡିର ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ ଚଳିତଥର ଅଧିକ ସଂଖ୍ୟକ ଲୋକସଭା ଆସନ ଉପରେ ଗୁରୁତ୍ୱ ଦେବାକୁ ଦଳୀୟ ନେତା ଓ ଦଳର ରଣନୀତିକାରଙ୍କୁ ଡାକି ଗତ ୨ମାସ ପୂର୍ବରୁ ରୋକଠୋକ୍ ଜଣାଇ ସାରିଛନ୍ତି । ଜାତୀୟ ରାଜନୀତିକୁ ଦୃଷ୍ଟିରେ ରଖି ନବୀନ ଏଭଳି ରଣନୀତି ପ୍ରସ୍ତୁତ କରିଥିବା କୁହାଯାଉଥିବାବେଳେ ଉପକୂଳ ଓଡିଶାର ସମସ୍ତ ଲୋକସଭା ସିଟକୁ ନିଜ ପାଖରେ ରଖିବା ବିଜେଡି ପାଇଁ ଚ୍ୟାଲେଞ୍ଜ ପାଲଟିଛି । ସେହି ଦୃଷ୍ଟିରୁ ଦଳର ପୁରୀ ଓ କେନ୍ଦ୍ରାପଡା ଲୋକସଭା ଆସନ ଉପରେ ଅଧିକ ଧ୍ୟାନକେନ୍ଦ୍ରିତ କରି କସରତ ଆରମ୍ଭ କରିଥିବା ସୂଚନା ମିଳିଛି । ପୁରୀ ଲୋକସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ସିଟ୍ ମଧ୍ୟରୁ ନୟାଗଡ ଓ ରଣପୁର ସିଟ୍ ନୟାଗଡ ଜିଲ୍ଲାରେ ଥିବାବେଳେ ପିପିଲି, ପୁରୀ, ଚିଲିକା, ସତ୍ୟବାଦୀ ଓ ବ୍ରହ୍ମଗିରି ସିଟ୍ ପୁରୀ ଜିଲ୍ଲାରେ ରହିଛି । ପୁରୀ ଜିଲ୍ଲାର ଦୁଇ ହେଭିୱେଟ୍ ନେତା ସଞ୍ଜୟ ଦାସବର୍ମା ଓ ମହେଶ୍ୱର ମହାନ୍ତି ଏବେ ସାଂଗଠନିକ କାର୍ଯ୍ୟକ୍ରମକୁ ନେଇ ଅସନ୍ତୁଷ୍ଟ ଅଛନ୍ତି । ମହେଶ୍ୱର ଓ ସଞ୍ଜୟଙ୍କ ପ୍ରଭାବ ମଧ୍ୟ ପୁରୀ ଜିଲ୍ଲାର ଏହି ୫ଟି ବିଧାନସଭା ସିଟ୍ ଉପରେ ରହିଛି ।

## ଜନ୍ମମାଟିରେ ରାଷ୍ଟ୍ରପତି

ବାରିପଦା/ଭୁବନେଶ୍ୱର, ୪।୫(ପି.ଏନ): ଜନ୍ମମାଟି ମୟୂରଭଞ୍ଜ ଜିଲ୍ଲାରେ ପହଂଚିଛନ୍ତି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ୨୦ରେ ସେ ବାୟୁ ସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ରାଇରଙ୍ଗପୁରର ବାଦାମପାହାଡ଼ ଅସ୍ଥାୟୀ ହେଲିପ୍ୟାଡରେ ପହଂଚିଥିଲେ । ସେଠାରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସାରସକଣା ବିଧାୟକ ବୁଧାନ ମୁର୍ମୁ ଓ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି ପ୍ରମୁଖ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ହେବା ପରେ ଏହା ଦ୍ରୌପଦୀ ମୁର୍ମୁଙ୍କ ପ୍ରଥମ ମୟୂରଭଞ୍ଜ ଗସ୍ତ ହୋଇଥିବାରୁ ସେଠାରେ ଲୋକଙ୍କ ଭିତରେ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହୋଇଛି । ରାଷ୍ଟ୍ରପତିଙ୍କୁ ଦେଖିବାକୁ ବାଦାମପାହାଡ଼ରେ ଲୋକଙ୍କ ଭିତରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହେଲିପ୍ୟାଡରୁ ଓହ୍ଲାଇ ଉପସ୍ଥିତ ଲୋକଙ୍କୁ ହାତ ହଲାଇ ଅଭିବାଦନ ଗ୍ରହଣ କରିଥିଲେ । ପରେ ହେଲପ୍ୟାଡରୁ ଚାଲିଚାଲି ଆସି ତୁମେ ମାନେ ଭଲ ଅଛ କି ନାହିଁ ବୋଲି ଲୋକଙ୍କୁ ପଚାରିଥିଲେ । ରାଷ୍ଟ୍ରପତିଙ୍କୁ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସହ ସ୍ୱାଗତ କରାଯାଇଥିଲା । ଏହା ପରେ ରାଷ୍ଟ୍ରପତି ପାହାଡପୁର ଅଭିମୁଖେ ଯାଇ ସେଠାରେ ଟ୍ରାଇବାଲ୍ ଡେଭଲପ୍‌ମେଂଟ ପ୍ରୋଜେକ୍ଟ କମ୍ୟୁନିଟି ସେଂଟର ଓ ଲାଇଭ୍‌ଲିହୁଡ୍ ପ୍ରୋଗ୍ରାମର ଉଦ୍‌ଘାଟନ କରିଛନ୍ତି । ପରେ ସେ ହାଟବଦ୍ରା ଠାରେ ବ୍ରହ୍ମକୁମାରୀ କେନ୍ଦ୍ରକୁ ଗସ୍ତ କରିବେ ଏବଂ ସେଠାରେ ବ୍ରହ୍ମକୁମାରୀ କେନ୍ଦ୍ରର 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ଆରମ୍ଭ କରିଛନ୍ତି । ସନ୍ଧ୍ୟାରେ, ରାଷ୍ଟ୍ରପତି ରାଇରଙ୍ଗପୁର ଠାରେ ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ତାଙ୍କ ସମ୍ମାନରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଆଜି ସେ ମହୁଲଡ଼ିହାସ୍ଥିତ ପିଡବ୍ଲୁଡି ବଙ୍ଗଳାରେ ରାତ୍ରି ଯାପନ କରିବେ । ମେ' ୫ ତାରିଖରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶିମିଳିପାଳ ଅଭୟାରଣ୍ୟ ବୁଲିବାର କାର୍ଯ୍ୟକ୍ରମ ରହିଛି । ସେହିପରି ୬ ତାରିଖରେ ବାରିପଦାର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## ମନ୍ତ୍ରୀ ସମୀର ଦାଶଙ୍କୁ ଶକ୍ତ ଝଟକା: ଜିଲ୍ଲା ପରିଷଦ ଉପନିର୍ବାଚନରେ ଜିତିଲା ବିଜେପି

ଭୁବନେଶ୍ୱର,(ପି.ଏନ): ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ବିଧାନସଭା ନିର୍ବାଚନମଣ୍ଡଳୀର ୧୧ ନମ୍ବର ଜିଲ୍ଲା ପରିଷଦ ଜୋନରେ ବିଜେପି ବାଜିମାତ୍ କରିଛି । ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଯୋଗୁ ଏହି ଉପନିର୍ବାଚନ ହୋଇଥିଲା । ଶ୍ରୀ ସାହୁଙ୍କ ଆତ୍ମହତ୍ୟା ପାଇଁ ମନ୍ତ୍ରୀ ଶ୍ରୀ ଦାଶ ବିବାଦ ଘେରକୁ ଆସିଥିଲେ । ମିଳିଥିବା ସୂଚନା ଅନୁସାରେ, ନିମାପଡା ନିର୍ବାଚନମଣ୍ଡଳୀର ଗୋପ ବ୍ଲକ୍ ଅନ୍ତର୍ଗତ ୧୧ ନମ୍ବର ଜିଲ୍ଲା ପରିଷଦ ଜୋନରେ ଅନୁଷ୍ଠିତ ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ପ୍ରମୋଦ କୁମାର ରାୟ ୧୧,୨୪୦ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଭାଗିରଥୀ ସେନାପତିଙ୍କୁ ୧୭୬ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାଜିତ କରିଛନ୍ତି ।

## ୭ରେ ଝାରସୁଗୁଡାରେ ପ୍ରଚାର କରିବେ ନବୀନ : ଧର୍ମେନ୍ଦ୍ର

ଭୁବନେଶ୍ୱର , ୪।୫(ପି.ଏନ): ଆସନ୍ତା ୭ ତାରିଖରେ ଝାରସୁଗୁଡାରେ ଦେଖିବାକୁ ମିଳିବ ହାଇ ଭୋଲଟେଜ୍ ପ୍ରଚାର । ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ପାଇଁ ଆସନ୍ତା ୭ ତାରିଖରେ ପ୍ରଚାର ମୈଦାନକୁ ଓହ୍ଲାଇବେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ । ଦୀପାଳିଙ୍କ ପାଇଁ ନବୀନ ନିର୍ବାଚନୀ ସଭା କରିବା ସହ ଭୋଟ ପାଇଁ ଅପିଲ କରିବେ । ସେହିଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଝାରସୁଗଡାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ସୂଚନା ମିଳିଛି । ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ପାଇଁ ପ୍ରଚାର କରିବେ ଧର୍ମେନ୍ଦ୍ର ପ୍ରଧାନ । ଝାରସୁଗୁଡାରେ ନିର୍ବାଚନୀ ସଭା ସହ ରୋଡ ସୋ' କରିବେ କେନ୍ଦ୍ରମନ୍ତ୍ରୀ । ଦୁଇ ଦଳର ହେଭିୱେଟ୍ ନେତା ସମାନ ଦିନରେ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ଥିବାରୁ ସେଠାରେ ହାଇଭୋଲଟେଜ୍ ପ୍ରଚାର ଦେଖିବାକୁ ମିଳିପାରେ ।

## ଭଣ୍ଡ ମୌଲାନା କୈଫର ସହଯୋଗୀ ଗିରଫ

କଟକ ,୪।୫(ପି.ଏନ): ଭଣ୍ଡ ମୌଲାନା କୈଫ ଖାନର ଅନ୍ୟତମ ସହଯୋଗୀ ତଥା ଡ୍ରାଇଭର ଶେଖ ଇଶ୍ରାଇଲକୁ ଗିରଫ କରିଛି ମଙ୍ଗଳାବାଗ ଥାନା ପୋଲିସ । ଇଶ୍ରାଇଲ କୈଫି ଖାନର ଠକ କାରବାରରେ ତାକୁ ସହଯୋଗ କରିଥିବା ନେଇ ଅଭିଯୋଗ ହୋଇଛି । ମଙ୍ଗଳାବାଗ ଓ ସଦର ଥାନାରେ କୈଫ ବିରୋଧରେ ୬ଟି ମାମଲା ରୁଜୁ ହୋଇଛି । କୈଫ ଏବେ ୪ଦିନର ରିମାଣ୍ଡରେ ଅଛି । ଗିରଫଦାରୀ ଆହୁରି ବଢିପାରେ ବୋଲି ଥାନା ଅଧିକାରୀ ସୁଧାଂଶୁ ଶେଖର ଜେନା ସୂଚନା ଦେଇଛନ୍ତି ।

## ଚାଉଳ ଦୁର୍ନୀତି କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ଦେଲା କଂଗ୍ରେସ

ବଲାଙ୍ଗିର,୪।୫(ପି.ଏନ): ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାର ଗରୀବ ଖଟିଖିଆଙ୍କୁ ଚାଉଳ ଯୋଗାଇ ଦେଉଛନ୍ତି । କିନ୍ତୁ ବିଭାଗୀୟ ଅପରାଗତା ଓ ଦୁର୍ନୀତି ଯୋଗୁଁ ହିତାଧିକାରୀ ଚାଉଳ ପାଇବାରୁ ବଂଚିତ ହେଉଛନ୍ତି । ଗୋଟିଏପଟେ ଖୋଦ ସରକାରୀ ଦଳର ଦୁଇ ଜଣ କାଉନସିଲର ପରସ୍ପରଙ୍କୁ ଚାଉଳ ଦୁର୍ନୀତି କରୁଥିବା ନେଇ ସର୍ବ ସମ୍ମୁଖରେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଏସ୍ଏଚ୍‌ଜି ଗ୍ରୁପ୍ ମାନେ ବଂଟନ ପକ୍ରିୟାର ସମସ୍ତ ନିୟମକୁ ବେଖାତିର କରୁଥିବା ତଥ୍ୟ ବିଭାଗ ପାଖକୁ ପହଂଚିଥିଲେ ସୁଦ୍ଧା ବଂଟନ ବିଭାଗ ଦୁର୍ନୀତି ପ୍ରତି ଆଖି ବୁଜି ଦେଇଛି । ଫଳରେ ହିତାଧିକାରୀ ମାନେ ମାସ ମାସ ଧରି ଚାଉଳ ପାଇପାରୁ ନାହାନ୍ତି । ଆହୁରି ବକେୟା ଚାଉଳ ଫେରାଇପାରିନଥିବା ଏସ୍ଏଚ୍‌ଜି ଗ୍ରୁପ୍ ମାନଙ୍କୁ ବିଭାଗ କ୍ଲିନ ଚିଟ୍ ଦେଇଛି । ଯାହା ଚାଉଳ ଦୁର୍ନୀତିରେ ସରକାରୀ ଦଳ, ବଂଟନ ବିଭାଗ ଓ ଦୁର୍ନୀତି ଗ୍ରସ୍ତ ଏସ୍ଏଚ୍‌ଜି ଗ୍ରୁପ୍ ମାନଙ୍କ ଭୂମିକାକୁ ସର୍ବସମ୍ମୁଖକୁ ଆଣିଛି । ତିନି ଦିନ ମଧ୍ୟରେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦୋଷୀମାନଙ୍କୁ ଧରାନଗଲେ କଂଗ୍ରେସ ଦଳ ସହ ହତାଧୀକାରୀଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି କହିଛି । କଂଗ୍ରେସ ଦଳ ପକ୍ଷରୁ ଏ ସଂକ୍ରାନ୍ତୀୟ ଏକ ଦାବୀପତ୍ର ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି ।

## ଜମ୍ମୁ ଓ କଶ୍ମୀରର କିସ୍ତୱାଡରେ ସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

ନୂଆଦିଲ୍ଲୀ,୪।୫(ପି.ଏନ): ଜମ୍ମୁ ଓ କଶ୍ମୀରର କିସ୍ତୱାଡ଼ ଜିଲ୍ଲା ଅନ୍ତର୍ଗତ ମାରୱା ତହସିଲ୍ ଅଂଚଳର ମାଛନା ଗାଁରେ ସେନାର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ସେନା ଅଧିକାରୀମାନଙ୍କ କହିବା ଅନୁସାରେ, ଏହି ହେଲିକପ୍ଟର ଦୁର୍ଘଟଣାରେ ପାଇଲଟ୍ ମାନେ ଆହତ ହୋଇଥିଲେ ବି ନିରାପଦ ଅଛନ୍ତି । ସେନାର ଗୋଟାଏ 'ଏଏଲ୍ଏଚ୍ ଧ୍ରୁବ ହେଲିକପ୍ଟର' ଜମ୍ମୁ ଓ କଶ୍ମୀରର କିସ୍ତୱାଡ଼ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । କିସ୍ତୱାଡ଼ ଜିଲ୍ଲାର ମାରୱା-ଦାଛନ ମଧ୍ୟରେ ପ୍ରବାହିତ ମରୁସୁଦର ନଦୀରେ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରର ଭଗ୍ନାବଶେଷ ପଡ଼ିଥିବା ଦେଖିବାକୁ ମିଳିଥିଲା । ଦୁର୍ଘଟଣା ସ୍ଥାନରେ ତଲାସ ଓ ଉଦ୍ଧାର କାର୍ଯ୍ୟ ଚାଲିଛି । ଏଥିରେ ୩ ଜଣ ଥିଲେ ବୋଲି ସୂଚନା ମିଳିଛି । ଆହତ ହୋଇଥିଲେ ବି ପାଇଲଟ୍ ମାନେ ନିରାପଦ ଅଛନ୍ତି ଓ ସେମାନଙ୍କର ଚିକିତ୍ସା ଚାଲିଛି ବୋଲି ସେନା ଅଧିକାରୀମାନେ କହିଛନ୍ତି ।

## ଦଶାହ ଭୋଜି ଖାଇ ୫୦ରୁ ଅଧିକ ଅସୁସ୍ଥ

କୋଇଡା ,୪।୫(ପି.ଏନ): ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ୍ ଅନ୍ତର୍ଗତ ସାନଇନ୍ଦିପୁର ଗାଁରେ ଦଶାହ ଭୋଜି ଖାଇ ୫୦ରୁ ଅଧିକ ଗ୍ରାମବାସୀ ଅସୁସ୍ଥ ହୋଇଛନ୍ତି । ଗତକାଲି ସଂଧ୍ୟାରେ ଗାଁର ଜଣକ ଦଶାହ କର୍ମରେ ଭୋଜି ଖାଇ ୨୦ ଜଣ ଅସୁସ୍ଥ ଥିଲେ । ଝାଡ଼ା ବାନ୍ତି ସହ ଅସୁସ୍ଥ ଅନୁଭବ କରିଥିଲେ । ବର୍ତମାନ ସୁଦ୍ଧା ୫୦ ରୁ ଅଧିକ ଅସୁସ୍ଥ ଥିବା ଜଣାପଡିଛି । ସମସ୍ତଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି । ସମସ୍ତଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି ।

## ବିଧାୟିକା କୁସୁମ ଟେଟେଙ୍କ ଉପରେ ଆକ୍ରମଣ ନେଇସିଇଓଙ୍କୁ ଭେଟିଲା ବିଜେପି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର ,୪।୫(ପି.ଏନ): ପରାଜୟ ଭୟରେ ଝାରସୁଗୁଡା ଉପନିର୍ବାଚନକୁ ହିଂସାଭିମୁଖୀ କରିବା ପାଇଁ ବିଜୁ ଜନତା ଦଳ ଷଡଯନ୍ତ୍ର ଆରମ୍ଭ କରିଛି । ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଏବଂ ଦଳର ତାରକା ପ୍ରଚାରକମାନଙ୍କର ମୁକ୍ତ ଯାତାୟତକୁ ପ୍ରତିବନ୍ଧକ ସୃଷ୍ଟି କରୁଛି ବିଜେଡି । ଗତ ୩ତାରିଖ ଦିନ ଲାଇକେରା ଥାନା ଅନ୍ତର୍ଗତ ନୀକଟିମାଲ ଗାଁରେ ଦଳର ବନବାସୀ ବିଧାୟିକା କୁସୁମ ଟେଟେଙ୍କ ଉପରେ ଆକ୍ରମଣ କରିଥିଲେ । ଏନେଇ ଶ୍ରୀମତୀ ଟେଟେ ମାମଲା ରୁଜୁ ପାଇଁ ଥାନାକୁ ଯାଇଥିବାବେଳେ ବିଜେଡି ସଶସ୍ତ୍ର ଗୁଣ୍ଡାବାହିନୀ ଥାନା ପରିସରରେ ତାକୁ ବାଧା ଦେଇଥିଲେ । କିନ୍ତୁ ସବୁ ଦେଖି ଚୁପ୍ ରହିବା ପୋଲିସକଳର ଅସହାୟତାଙ୍କୁ ପଦାରେ ପକାଇଛି । ଶ୍ରୀମତୀ ଟେଟେଙ୍କ ଘଟଣା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଗୁରୁବାର ଭାରତୀୟ ଜନତା ପାର୍ଟିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ରାଜ୍ୟର ଜଣେ ଆଦିବାସୀ ମହିଳା ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ଅଳଙ୍କୃତ କରିଥିଲାବେଳେ ଓଡ଼ିଶାର ଜଣେ ଆଦିବାସୀ ମହିଳା ବିଧାୟିକାଙ୍କୁ ବିଜେଡିର ଗୁଣ୍ଡାମାନେ ଆକ୍ରମଣ କରିବା ସହ ଧମକ ଦେବା ଅତ୍ୟନ୍ତ ଲଜ୍ୟା ଓ ପରିତାପର ବିଷୟ । କୌଣସି ସମାଜରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଷୁଡି ପଡିବାର ପରବର୍ତୀ ପର୍ଯ୍ୟାୟରେ ଉକ୍ତ ସମାଜକୁ 'ଆନାର୍ର୍କି' କବଳିତ କରିଦିଏ ଏବଂ ଓଡିଶା ସେହି ଦିଗରେ ଗତି କରୁଛି । ଝାରସୁଗୁଡାର ଉପନିର୍ବାଚନରେ ବିଜେଡିର ନିମ୍ନଗାମୀ ଲୋକପ୍ରିୟତାକୁ ହିଂସା ଦ୍ୱାରା ରୋକିବା ପାଇଁ ଚାଲିଥିବା ଷଡଯନ୍ତ୍ର ଶେଷରେ ବିଫଳ ହେବ ବୋଲି ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।

## ଲାଞ୍ଚ ମାଗିବା ଅଭିଯୋଗରେ ୩ ଜଣ ମାନବାଧିକାର କର୍ମୀ ଗିରଫ

ମାଲକାନଗିରି,୪।୫(ପି.ଏନ):ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ଏମଭି-୪୯ ଗାଁରେ ଅଭାବନୀୟ ଘଟଣା । ନାବାଳିକାଙ୍କୁ ହତ୍ୟା କରି ଶବ ସତ୍କାର କରିଦେଇଥିବା ନେଇ ମୃତକଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ମାନବାଧିକାର କର୍ମୀ ଗ୍ରାମବାସୀଙ୍କୁ ଭୟଭୀତ କରାଇ ଟଙ୍କା ମାଗୁଥିବା ନେଇ ଗ୍ରାମବାସୀ ମାଲକାନଗିରି ଥାନାରେ କରିଛନ୍ତି । ଏନେଇ ମାମଲା ରୁଜୁ କରି ୩ ଜଣ ମାନବାଧିକାର କର୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି ଯେ, ଗତମାସ ୨୭ ତାରିଖ ରାତିରେ ତାଙ୍କ ଝିଅ ନିଖୋଜ ହୋଇଯାଇଥିଲେ । ସେ ଝିଅକୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ । ପରଦିନ ତାଙ୍କ ଘର ପଛରେ ଥିବା ଆମ୍ବ ଗଛରୁ ମୃତଦେହ ଉଦ୍ଧାର ହୋଇଥିଲା । ଘଟଣା ଦିନ ଗାଁର କିଛି ବ୍ୟକ୍ତି ଶବକୁ ଶ୍ମଶାନକୁ ନେଇ ସତ୍କାର କରିଦେଇଥିଲେ । ଏହା ସହ ନାବାଳିକା ଝୁଲି ପଡ଼ିଥିବା ଆମ୍ବଗଛକୁ କାଟି ତଳେ ପକାଇ ଦେଇଥିଲେ । ମୃତ୍ୟୁର ୭ ଦିନ ପରେ ନିଜକୁ ମାନବାଧିକାର କର୍ମୀର ପରିଚୟ ଦେଇ ୨ ମହିଳା ଓ ୩ ଜଣ ପୁରୁଷ ଏମଭି-୪୯ ଗାଁକୁ ଯାଇଥିଲେ । ମୃତ୍ୟୁ ବିଷୟରେ ପୋଲିସକୁ ନଜଣାଇ ଶବ ସତ୍କାର କରିଥିବାରୁ ଗ୍ରାମବାସୀଙ୍କୁ ୨ ଲକ୍ଷରୁ ଅଧିକ ଟଙ୍କା ଲାଞ୍ଚ ମାଗିଥିଲେ । ମାନବାଧିକାର କର୍ମୀ ଟଙ୍କା ମାଗୁଥିବା ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଲାଞ୍ଚ ମାଗିବା ଅଭିଯୋଗରେ ୩ ଜଣ ମାନବାଧିକାର କର୍ମୀଙ୍କୁ ଗିରଫ କରିଛି ।

## ୨ ଦିନ ପରେ ବଢ଼ିବ ତାପମାତ୍ରା

ଭୁବନେଶ୍ୱର , ୪।୫(ପି.ଏନ): ରାଜ୍ୟରେ କମିବ କାଳବୈଶାଖୀର ପ୍ରଭାବ । ଆଗାମୀ ୨ ଦିନ ପରେ ରାଜ୍ୟରେ ଦିନ ତାପମାତ୍ରା ଧିରେ ଧିରେ ବୃଦ୍ଧି ପାଇବ । ଦିନ ତାପମାତ୍ରା ପ୍ରାୟ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ଅପର ପକ୍ଷରେ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନା ଅନୁସାରେ ୨୪ ଘଂଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ଓ ବିଜୁଳି ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୨୦ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୫ ତାରିଖ ପାଇଁ ୧୮ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ମାଲକାନଗିରି ,କୋରାପୁଟ, ରାୟଗଡା, ଗଂଜାମ, ଗଜପତି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ମୟୁରଭଂଜ, କନ୍ଧମାଳ , କେନ୍ଦୁଝର ଓ ନବରଙ୍ଗପୁର ।

## ଏମ୍ସ ଭୁବନେଶ୍ୱରରେ ବିରଳ ଗଳା କର୍କଟର ସଫଳ ଅସ୍ତ୍ରୋପଚାର: ଲାଗିଲା ନୂଆ ଖାଦ୍ୟ ନଳୀ



ଭୁବନେଶ୍ୱର,୪।୫(ପି.ଏନ): ଏମ୍ସ ଭୁବନେଶ୍ୱରରେ ହୋଇଛି ବିରଳ ଗଳା କର୍କଟର ସଫଳ ଅସ୍ତ୍ରୋପଚାର । ଦୀର୍ଘ ୧୪ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ କରି ଯୁବ ଡାକ୍ତରମାନେ ଜଣେ ୨୫ ବର୍ଷୀୟ ଯୁବତୀଙ୍କୁ ଦେଇଛନ୍ତି ନୂଆ ଜୀବନ । ନୂଆ ଖାଦ୍ୟ ନଳୀ ଲଗାଯିବା ପରେ ଏବେ ଯୁବତୀ ଜଣଙ୍କ ସ୍ୱାଭିବକ ଭାବେ ଜୀବନ ବିତାଇବା ଆରମ୍ଭ କରିଛନ୍ତି । ବିକିରଣ (ରେଡିଏସନ୍) ଓ କେମୋ ପ୍ରତିରୋଧୀ ବିରଳ ଗଳା କର୍କଟ ଭଳି ରୋଗରେ ଯୁବତୀ ଜଣଙ୍କ ପୀଡିତ ଥିଲେ । ଏହାର କୌଣସି ବିକଳ୍ପ ଚିକିତ୍ସା ପ୍ରକ୍ରିୟା ନହିଁ । ତଥାପି ଏହି ପ୍ରାଣଘାତୀ ରୋଗରୁ ଜଣେ ଯୁବତୀଙ୍କୁ ରକ୍ଷା କରିବାକୁ ଯାଇ ଏମ୍ସ ଭୁବନେଶ୍ୱରର ଯୁବ ଡାକ୍ତର ଗୋଷ୍ଠୀ ଅଭିନବ ଉପାୟରେ ଏକ ବିରଳ ଅସ୍ତ୍ର ?ପଚାର ସଫଳତାର ସହ କରିଛନ୍ତି । ଜଗତସିଂହପୁର ଜିଲ୍ଲାର ୨୫ ବର୍ଷ ବୟସର ଜଣେ ଯୁବତୀ ପ୍ରାୟ ଏକ ବର୍ଷରୁ ଅଧିକ ଦିନ ହେବ ଏହି ବିରଳ ଗଳା କର୍କଟ ରୋଗରେ ପୀଡିତ ଥିଲେ । ସେ ଏମ୍ସକୁ ଆସିବା ପୂର୍ବରୁ ରାଜ୍ୟର ବିଭିନ୍ନ ହସ୍‌ପିଟାଲକୁ ଏହାର ଚିକିତ୍ସା କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ତାଙ୍କୁ କୌଣସି ସୁଫଳ ମିଳିନଥିଲା । ସବୁଆଡୁ ନିରାଶ ହେବା ପରେ ସେ ଭୁବନେଶ୍ୱର ଏମ୍ସକୁ ଆସିଥିଲେ ।

## ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର , ୪।୫(ପି.ଏନ):ବିଜେପି ବିଧାୟିକା କୁସୁମ ଟେଟେ, ଝାରସୁଗୁଡା ଉପନିର୍ବାଚନ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ବିଜେଡି ପ୍ରତିନିଧି ଦଳ । ଝାରସୁଗୁଡ଼ା ଉପନିର୍ବାଚନରେ ପ୍ରଚାର ବେଳେ ବିଜେପି ନେତା ଗୁଣ୍ଡାଗର୍ଦ୍ଦି କରୁଥିବା ନେଇ ସିଇଓଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି ଟିମ୍ । ବିଜେଡି ଅଭିଯୋଗ କରିଛି ଯେ ଗତକାଲି ଝାରସୁଗୁଡାର ଲଇକେରା ବ୍ଲକ୍ ନିକ୍ତିମାଲ ଅଂଚଳରେ ପ୍ରଚାର ବେଳେ ବିଧାୟିକା କୁସୁମ ଟେଟେ ଓ ଟଙ୍କଧରଙ୍କ ସମର୍ଥକମାନେ ବିଜେଡି କର୍ମୀଙ୍କୁ ଗୋଡେଇ ଗୋଡେଇ ପିଟିଥିବା ଅଭିଯୋଗ ହୋଇଛି । ବିଜେଡି ପ୍ରାର୍ଥୀଙ୍କୁ ଜାତିଆଣ ଆକ୍ଷେପ କରଯାଇଛି । ତେଣୁ ଉଭୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି ବିଜେଡି । ଘଟଣା ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ବିଜେଡି ମୁଖପାତ୍ର ଗୌତମ ବୁଦ୍ଧ ଦାସ କହିଲେ ଯେ ଗତକାଲି ସନ୍ଧ୍ୟାରେ ବିଜେଡି କର୍ମୀମାନେ ଘରକୁ ଘର ବୁଲି ପ୍ରଚାର କରୁଥିବାବେଳେ ବିଜେପିର ଏହି ନେତା ଓ ତାଙ୍କ ସମର୍ଥକମାନେ ସେଠାରେ ପହଂଚି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ । ଏପରିକି ଟଙ୍କଧର ତ୍ରିପାଠୀ ଓ କୁସୁମ ଟେଟେ ଦିଲ୍ଲୀପ ପ୍ରଧାନ ନାମକ ଜଣେ ବିଜେଡି କର୍ମୀଙ୍କୁ ଜାତିଆଣ ଆକ୍ଷେପ କରି ଧମକ ଦେବା ସହ ତାଙ୍କ ଗୋଡ଼ରେ ଗାଡ଼ି ଚଢ଼ାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି । ବିଜେପି ନେତା ଓ କର୍ମୀଙ୍କ ଏପରି ଗୁଣ୍ଡାଗର୍ଦ୍ଦିକୁ ବିରୋଧ କରି ଗାଁ ଲୋକମାନେ ଏକଜୁଟ ହେବାରୁ ସେମାନେ ସେଠାରୁ ପଳାଇ ଆସିଥିଲେ । ମାତ୍ର ସେମାନଙ୍କ ଇସାରାରେ ଏହାର କିଛି ସମୟ ପରେ ପୁନର୍ବାର ୪୦/୫୦ ଜଣ ବିଜେପି କର୍ମୀମାନେ ଗାଁରେ ପହଂଚି ବିଜେଡି ସମର୍ଥକମାନଙ୍କୁ ଧମକଚମକ ଦେବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ ଏବଂ ଟେକା ପଥର ଫିଙ୍ଗିଥିଲେ । ବିଜେପି କର୍ମୀମାନେ ବିଜେଡିର ପତାକା ଓ ପୋଷ୍ଟର ଆଦି ଚିରି ପକାଇଥିଲେ । ତେଣୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ଏଭଳି ଗୁଣ୍ଡାଗର୍ଦ୍ଦି କରୁଥିବା ବିଜେପି ବିଧାୟିକା କୁସୁମ ଟେଟେ, ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଏବଂ ଅନ୍ୟ ବିଜେପି ନେତାମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଝାରସୁଗୁଡ଼ାରେ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ପରିଚାଳନା ଲାଗି ବିଜେଡି ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛୁ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ । ବିଜୁ ଜନତା ଦଳର ଏହି ପ୍ରତିନିଧି ଦଳରେ ଡ. ଲେନିନ ମହାନ୍ତି, ତୁମ୍ବନାଥ ପଣ୍ଡା, ଡ. ପ୍ରିୟବ୍ରତ ମାଝୀ, ଅମିତ ମଲ୍ଲିକ, ସ୍ୱୟଂପ୍ରକାଶ ମହାପାତ୍ର, ମିହିର ରାୟ, ଇପସିତା ସାହୁ, ଲୋରା ମହାପାତ୍ର, ମଧୁସ୍ମିତା ନାୟକ ଓ ଅପୂର୍ବା ଅପରୂପା ପ୍ରମୁଖ ସାମିଲ ଥିଲେ ।

## ଟଙ୍କଧର ତ୍ରିପାଠୀଙ୍କ ପାଇଁ ପ୍ରଚାର କଲେ ପ୍ରସିଦ୍ଧ ଭୋଜପୁରୀ ଅଭିନେତା ମନୋଜ ତିୱାରୀ

ଝାରସୁଗୁଡା /ଭୁବନେଶ୍ୱର ,୪।୫ (ପି.ଏନ):"ବହୁତ ହେଲା ଅପରାଧ, ବହୁତ ହେଲା ଭ୍ରଷ୍ଟାଚାର; ଏଥର ଟଙ୍କଧର" । ଏକ ସୁରକ୍ଷିତ, ସୁସ୍ଥ, ଶିକ୍ଷିତ, ସମୃଦ୍ଧ ଝାରସୁଗୁଡା ଗଢି ତୋଳିବା ପାଇଁ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଛନ୍ତି ବିଜେପି ସାଂସଦ ତଥା ପ୍ରସିଦ୍ଧ ଭୋଜପୁରୀ ଚଳଚିତ୍ର ଅଭିନେତା ମନୋଜ ତିୱାରୀ । ଦଳୀୟ ପ୍ରାର୍ଥୀ ଟଙ୍କଧରଙ୍କ ସପକ୍ଷରେ ଭୋଟ ପ୍ରଚାର କରିବା ପାଇଁ ଦିନିକିଆ ଝାରସୁଗୁଡା ଗସ୍ତରେ ଆସିଥିବା ଶ୍ରୀ ତିୱାରୀ ଶୋଭାଯାତ୍ରାରେ ଯୋଗ ଦେଇ କହିଛନ୍ତି ଯେ, ମୋର ଓଡିଶା ସହ ବହୁ ଘନିଷ୍ଠ ସଂପର୍କ ରହିଛି । ରାଜ୍ୟର ସବୁଠୁ ବିତଶୀଳ ଜିଲ୍ଲା ହେଉଛି ଶିଳ୍ପ ସମୃଦ୍ଧ ଝାରସୁଗୁଡା ଜିଲ୍ଲା । ରାଜ୍ୟ ଅର୍ଥନୀତିରେ ଜିଲ୍ଲାର ପ୍ରମୁଖ ଭୂମିକା ରହିଛି । ଝାରସୁଗୁଡା ସମେତ ଓଡିଶାର ସାମଗ୍ରିକ ବିକାଶ ପାଇଁ ବିଜେପି ସଂକଳ୍ପବଦ୍ଧ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟଧାରାରେ ସାମିଲ ହୁଅନ୍ତୁ ଝାରସୁଗୁଡାବାସୀ । ଆଗାମୀ ଦିନରେ ଜିଲ୍ଲାର ଆଶା ଓ ଭରସାଯୋଗ୍ୟ ହେବେ ଆମର ଦଳୀୟ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ବୋଲି ପ୍ରଚାର ଅବସରରେ ଆସି ଦୃଢତାର ସହ କହିଛନ୍ତି ଶ୍ରୀ ତିୱାରୀ । ଗୁରୁବାର ଅପରାହ୍ନରେ ବିଟିଏମ ଛକରୁ ଅଭିନେତ୍ରା ମନୋଜ ତିୱାରୀ ଦଳୀୟ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ସହ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ଯାଇ ଭୋଟ ପ୍ରଚାର କରିଥିଲେ । ଶହ ଶହ ସଂଖ୍ୟାରେ ହଜାର ହଜାର ଯୁବ କାର୍ଯ୍ୟକର୍ତାମାନେ ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ସାଂସଦ ସୁରେଶ ପୁଜାରୀ, ଯୁବ ବିଧାୟକ ସୁରଜ ସୂର୍ଯ୍ୟବଂଶୀ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ ।








## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍‌ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍‌ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ଟ୍ୟରେ ସାହାଯଷ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ଟ୍ୟତୀତ ଅନଷ୍ଟ୍ୟ ରାଜଷ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଳିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଟ୍ୟାରେ ପର୍ଯଷ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ଟ୍ୟଟକଙ୍କ ଭିଡକୁ ଲକ୍ଷଷ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଟ୍ୟତି ହେବି ନାହିଁ।



# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ରେଷ୍ଟୁରାଷ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଷ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଷ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଷ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଷ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




ଭୁବନେଶ୍ୱର, ୨୦୨୩, ମଇ ୦୫

# ଏସିଡ଼୍ ଆଟାକ୍ ଓ ଆଇନ ବ୍ୟବସ୍ଥା


ଗଙ୍ଗାଧର ସାମଲ

ଆଜିକାଲି ମହିଳାମାନେ ଘର ଚଳାଇବା ଠାରୁ ଆରମ୍ଭ କରି ଚନ୍ଦ୍ରକୁ ଯିବା ଭଳି କାର୍ଯ୍ୟ କଲେଣି, ହେଲେ ଆଜି ବି ସେମାନଙ୍କୁ ଏଭଳି କଷ୍ଟ ମିଳିବା ବନ୍ଦ ହୋଇନି । ଏଭଳି ଅନେକ ମାମଲା ସାମ୍ନାକୁ ଆସୁଛି, ଯାହା ଅତ୍ୟନ୍ତ ବିଭତ୍ସ । କେଉଁଠି ଏକତରଫା ପ୍ରେମ ପାଇଁ ଯୁବତୀଙ୍କ ମୁହଁରେ ଏସିଡ଼୍ ପକା ଗଲାଣି ତ ଅନ୍ୟ କେଉଁଠି ପ୍ରତିଶୋଧ ନେବା ପାଇଁ । ପ୍ରତିଦିନ ଏଭଳି ଘଟଣା ସମ୍ପର୍କରେ ଖବର କାଗଜରେ ପଢ଼ିବାକୁ ମିଳୁଛି । ତେବେ ମଣିଷ ଏତେ ନିର୍ଦ୍ଦୟ କିଭଳି ହୋଇପାରେ ସେ ନେଇ ଅନେକ ସମୟରେ ଚର୍ଚ୍ଚା ମଧ୍ୟ ହୋଇଥାଏ । ନିଜର ପ୍ରତିଶୋଧ ପାଇଁ ଅନ୍ୟଜଣଙ୍କ ଜୀବନ ସହିତ ଏତେ ଭୟଙ୍କର ଉପାୟରେ ଖେଳିବାକୁ ମଧ୍ୟ ପଛାଇ ନଥାନ୍ତି କେତେକ ଦୟାହୀନ ମଣିଷ ।

ଏସିଡ଼୍ ଆଟାକକୁ ନେଇ ଦେଶରେ ବିଭିନ୍ନ କଡ଼ା ନିୟମ ରହିଛି । ହେଲେ ଏହି ନିୟମର ପ୍ରଭାବ କମ ପଡୁଥିବା ବିଭିନ୍ନ ସମୀକ୍ଷାରୁ ଜଣାପଡୁଛି । ଦେଶରେ ପ୍ରତି ସମୟରେ ଏହି ଅପରାଧ ବଢ଼ିବାରେ ଲାଗିଛି । ଏକ ସର୍ଭେ ଅନୁସାରେ ୨୦୧୪ରେ ୨୦୩, ୨୦୧୫ରେ ୨୨୨, ୨୦୧୬ରେ ୨୩୮, ୨୦୧୭ରେ ୨୫୨, ୨୦୧୮ରେ ୨୨୮ଟ ଏସିଡ଼୍ ଆଟାକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି । ସେହିଭଳି ୨୦୧୯ରେ ପାଖାପାଖି ୨୪୯ ଓ ୨୦୨୦ରେ ୧୮୨ଟି ମାମଲା ରୁଜୁ ହୋଇଛି । ଏହି ତଥ୍ୟରୁ ଜଣାପଡ଼େ ଦେଶରେ ଏସିଡ ଆଟାକର ମାମଲା କମିବା ବଦଳରେ ବଢ଼ିବାରେ ଲାଗିଛି । କୌଣସି ଆଇନ କିମ୍ବା ଦଣ୍ଡର ଡର ଏମାନଙ୍କୁ ଏଭଳି ଅପରାଧ କରିବାରୁ ରୋକି ପାରୁନାହିଁ । ଏଭଳି ଅମାନବୀୟ ଅପରାଧ ବଢ଼ିବାରେ ଲାଗିଛି । ଏହି ଅପରାଧ ଦେଶର ସବୁ ରାଜ୍ୟରେ ହେଉଥିବାବେଳେ ସବୁଠାରୁ ଅଧିକ ମାମଲା କୋଲକାତାରେ ଦେଖିବାକୁ ମିଳିଛି । ୨୦୨୧ରେ ହୋଇଥିବା ଏକ ସର୍ଭେ ଅନୁଯାୟୀ କୋଲକାତାରେ ପାଖାପାଖି ୩୦ଟି ଏସିଡ ଆଟାକ ମାମଲା ସାମ୍ନାକୁ ଆସିଥାଏ, ଯେଉଁଥିପାଇଁ ଏହା ତାଲିକାର ଏକ ନମ୍ବରରେ ରହିଛି । ସେହଭଳି ଉତ୍ତର ପ୍ରଦେଶ ୧୮ଟି ମାମଲା ସହ ଦ୍ୱିତୀୟରେ ୮ଟି ମାମଲା ସହିତ ଦିଲ୍ଲୀ ତୃତୀୟରେ, ସାତୋଟି ମାମଲା ସହ ଆସାମ ଚତୁର୍ଥରେ ରହିଛି । ତେବେ ଏହି ସମସ୍ତ ମାମଲାକୁ ତର୍ଜମା କଲେ ଜଣାପଡ଼େ କି ଦେଶରେ ଏସିଡ ଆଟାକକୁ ନେଇଥିବା ନିୟମରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ଏହାକୁ ଆହରି କଡ଼ାକଡ଼ି କରିବାର ଆବଶ୍ୟକତା ରହିଛି । ଏସିଡ଼୍ ଆଟାକ ମାମଲା ବଢ଼ିବାରୁ ଦୀର୍ଘ ୯ବର୍ଷ ପୂର୍ବେ ସୁପ୍ରିମକୋର୍ଟ ଏସିଡ଼୍ କିଣାବିକାକୁ ନେଇ କିଛିଟା ନିୟମ କରିଥିଲେ । ହେଲେ ବିଭିନ୍ନ ସମୟରେ ଦେଖିବାକୁ ମିଳିଥାଏ କି ଏହି ନିୟମର ପାଳନ ହୋଇନଥାଏ । ସୂଚନା ଅନୁସାରେ ଏଥିରୁ ଅନେକ ନିୟମ କେବଳ କାଗଜ କଲମରେ ରହିଛି । ତେବେ ନିୟମ ଅନୁସାରେ ୧୮ ବର୍ଷରୁ କମ ବ୍ୟକ୍ତିଙ୍କୁ ଏସିଡ଼୍ କିଣିବା ପାଇଁ ଅନୁମତି ନାହିଁ । ସେହିଭଳି ଦୋକାନୀ ଯେଉଁମାନେ ଏସିଡ଼୍ ବିକିବେ ସେମାନେ ଗ୍ରାହକଙ୍କର ସମ୍ପୂର୍ଣ୍ଣ ତଥ୍ୟ ରଖିବା ମଧ୍ୟ ଜରୁରୀ । ଏହି ତଥ୍ୟରେ ଗ୍ରାହକଙ୍କର ଠିକଣା ରହିବାର ଆବଶ୍ୟକତା ରହିଛି । ସେହିଭଳି ଦୋକାନୀଙ୍କ ପାଖରେ କେତେ ପରିମାଣର ଏସିଡ଼୍ ବିକ୍ରି ପାଇଁ ରହିଛି, ସେ ନେଇ ପ୍ରଶାସନ ପାଖରେ ମଧ୍ୟ ସୂଚନା ରହିବାର ଆବଶ୍ୟକତା ଅଛି । ସେହିଭଳି ହସ୍ପିଟାଲ, ବିଭିନ୍ନ ଲ୍ୟାବ, ଶିକ୍ଷାନୁଷ୍ଠାନ ଆଦିରେ ଯେଉଁଥିରେ ବି ଏସିଡ଼ର ବ୍ୟବହାର ହେଉଛି, ତାହାର ଲିଖିତ ତଥ୍ୟ ରଖିବାକୁ ନିୟମ ରହିଛି । ହେଲେ ବିଭିନ୍ନ ସମୟରେ ଏହି ନିୟମ ପାଳନ ହେଉନଥିବାର ଦେଖିବାକୁ ମିଳୁଛି । ବଜାରରେ ଯିଏ ଚାହୁଁଛି ସିଏ ସହଜରେ ଏସିଡ଼୍ କିଣିପାରୁଥିବାବେଳେ ଏହାର କୌଣସି ହିସାବ ଦୋକାନୀଙ୍କ ପାଖରେ ରହୁନାହିଁ । ସେହିଭଳି ଏହି ଗ୍ରାହକଙ୍କର କୌଣସି ତଥ୍ୟ ମଧ୍ୟ ଦୋକାନୀ ରଖୁନଥିବା ଜଣାପଡ଼ିଛି । ଯାହାଫଳରେ ଯେତେବେଳେ ବି କୌଣସି ଅପରାଧ ଘଟୁଛି ପୋଲିସ ଅପରାଧୀ ବିଷୟରେ ସନ୍ଧାନ ପାଇବାରେ ହଇରାଣ ହେଉଛି । ବର୍ତ୍ତମାନ ଯେକୌଣସି ବି ଅପରାଧ ହେଉ ଏହାକୁ ନେଇ ଅନେକ କଡ଼ା ନିୟମ ପ୍ରସ୍ତୁତ କରାଯାଉଛି । ଏହି ନିୟମ ଅପରାଧକୁ ରୋକିବାକୁ ତିଆରି କରାଯାଉଛି । ତେବେ ଏସିଡ଼୍ ଆଟାକକୁ ନେଇ ପୂର୍ବରୁ କୌଣସି ଅଲଗା ନିୟମ ଏଥିପାଇଁ ନଥିଲା । ଏହି ମାମଲା ୩୨୬ ଅଧୀନରେ ରେଜିଷ୍ଟ୍ରର ହେଉଥିଲା । ଏହି ଧାରା ଅଧୀନରେ ଅପରାଧୀ ଉପରେ ଗମ୍ଭୀର ଭାବେ ଆହତ କରିବାର ମାମଲା ଲାଗୁଥିଲା । ହେଲେ ପରେ ଏଥିରେ ୩୨୬ ଏ ଓ ବି ଯୋଡ଼ା ଯାଇଥିଲା । ଯେଉଁ ଧାରା ଅଧୀନରେ ଏହାକୁ ଜାମିନ ରହିତ ଅପରାଧ ଭାବେ ଗଣାଯାଇଥିଲା । ଏହି ଅପରାଧ ଜଘନ୍ୟ ହୋଇଥିଲେ ଆଜୀବନ କାରାଦଣ୍ଡର ବିଧାନ ରହିଛି । ସେହିଭଳି ଅପରାଧୀ ଠାରୁ ଫାଇନ ଆଦାୟ କରି ପୀଡ଼ିତାଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୨୨୬୬୪୭

# ଚାଷୀ କ'ଣ ସ୍ୱପ୍ନ ଦେଖି ପାରେ !!!


ଡ଼ି ଶୁଭମ୍

ଚାଷ କାମ ଯାହାର ,କି ଆନନ୍ଦ ତାହାର-ପୁରାତନ ଯୁଗର ଏହି ଉକ୍ତିଟି ଦିନେ ସଭିଙ୍କୁ ଆତ୍ମୀୟତାର ଡ଼ୋରିରେ ବାନ୍ଧି ରଖିଥିଲା । ଗ୍ରାମ ଜୀବନର ପ୍ରଧାନ ଏଁଡ଼ିଶାଳ ଏଇ ଚାଷ ଜମି । ଯିଏ ଖାଲି ପେଟକୁ ଦାନା ନି ମୁଠାଏ ଯୋଗାଏନି ବରଂ ମନବୃନ୍ଦାବନକୁ ଏକ ନିଆରା ସଂତୋଷରେ ପରିତୃପ୍ତ କରେ । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟଭାବେ ବେଶ୍ ଜଣାଶୁଣା । କୃଷି ଜୀବନର ମାନଦଣ୍ଡ,ଅର୍ଥନୀତିର ମାପକାଠି । କୃଷି ଯିଏ ଚାଷୀର ମାନସପୁତ୍ର ଆଉ ସାଧାରଣ ମଣିଷର ଜାଇଁବାର ଚାବିକାଠି । ଆଉ ଏଇ ଚାଷ ଜମିରେ ଯିଏ ସୁନାର ଫସଲକୁ ସର୍ବସମ୍ମୁଖରେ ଉପସ୍ଥାପନ କରେ - ସେ ହିଁ ଚାଷୀ । ଚାଷ ଓ ଚାଷୀ ଏକ ସ୍ୱତନ୍ତ୍ର ଅନୁଭବ । କୃଷି ଓ କୃଷକର ବିକାଶକୁ ଦୃଷ୍ଟିରେ ରଖି ସବୁବେଳେ ସରକାର ବିହିତ ପଦକ୍ଷେପ ନେଉଛନ୍ତି , ଏକଥା କାହାକୁ ଅଛପା ନାହିଁ । ରାଜ୍ୟ ବଜେଟର ସବୁବେଳେ ଫୋକସ୍‌ରେ କୃଷି ଥାଏ । ସରକାର କୃଷି ଓ କୃଷକର ସଶକ୍ତିକରଣ ଦିଗରେ ବେଶ ଯତ୍ନଶୀଳ । ସବୁ ସମୟରେ କୃଷିକୁ ଏକ ନୂତନ ମାର୍ଗଦର୍ଶନ ଦେବା ଦିଗରେ ଚେଷ୍ଟିତ । ସେଥିପାଇଁ ସରକାର ଚାଷୀଙ୍କ ପାଇଁ ଅନେକ ଯୋଜନାର ପରିକଳ୍ପନା କରିଥାନ୍ତି । କିପରି ଚାଷୀ ଏହାର ପ୍ରକୃତ ଲାଭ ପାଇପାରିବ , ସେ ଦିଗରେ ବି ଚିନ୍ତା କରନ୍ତି । କିନ୍ତୁ ସମୟେ ସମୟେ ଏ ଯୋଜନା କେତେବେଳେ ବାଟବଣା ହୋଇଯାଏ , ସେକଥା କାହାକୁ ଜଣା ନଥାଏ । ସ୍ୱପ୍ନ କିଏ ବା ନଦେଖେ । ନିଜ ସ୍ୱପ୍ନରେ ଦୁନିଆରେ ମତୁଆଲା ହେବାକୁ କିଏ ବା ନ ଚାହେଁ । ହେଲେ ନିୟତିର ସର୍ଜନା ସତରେ ବିଚିତ୍ର । ଆମେ ଆମ ଜୀବନରେ ଅନେକ ଅକିଛି ସ୍ୱପ୍ନ ଦେଖୁ , ତାହାକୁ ବାସ୍ତବତାର ରଙ୍ଗ ଦେବା ପାଇଁ ଚେଷ୍ଟା ବି କରୁ , କେତେ ଜଣ ସଫଳ ହୁଅନ୍ତି ଆଉ କେତେ ବିଫଳ ପୁଣି ଆଉ କେତେ ଏ ସ୍ୱପ୍ନ ଦେଖିବାକୁ ପ୍ରୟାସ କରିବାକୁ ଡ଼ରନ୍ତି । ଆମେ ଖବରକାଗଜ ହଉ କି ଟିଭି ଅବା ସୋସିଆଲ ମିଡ଼ିଆ , ଏବେ ସବୁଠି ଚାଷୀମାନଙ୍କୁ ନେଇ ବିଭିନ୍ନ ସଭା ସମିତି କରାଯାଉଛି । ଚାଷୀ ମାନଙ୍କୁ ନେଇ ଏବେ ଅନେକ ଏଫ.ପି.ଓ ବି ଖୋଲିଲାଣି । କିନ୍ତୁ ସତରେ କଣ ଚାଷୀ ସ୍ୱପ୍ନ ଦେଖେ ? ? ସତରେ କଣ ଚାଷୀ ମନରେ ସେ ସ୍ୱପ୍ନକୁ ରଙ୍ଗ ଭରିବାକୁ ଚେଷ୍ଟା କରେ ? ? ନା ଚେଷ୍ଟା କରିବା ପୂର୍ବରୁ ହାରିଯିବାର ଭୟରେ ପ୍ରୟାସ କରେନି । ସତରେ ଏସବୁ ଜଟିଳ ପ୍ରଶ୍ନ ଭିତରେ ମୁଁ ଛନ୍ଦି ହୋଇଯାଇଛି । କୃଷି ବିଜ୍ଞାନର ଛାତ୍ର ହୋଇ ଛଅ ବର୍ଷ ଚାଷୀଙ୍କ ସହ ପ୍ରତ୍ୟକ୍ଷ ସହ ମିଶି ଏ ସବୁ ଭିତରେ ମୁଁ ଆଚି ବି ସମାଧାନ ଖୋଜି ପାଏନି । ଏଇ କିଛି ଦିନ ତଳେ ବୌଦ୍ଧ ଯିବାର ସୁଯୋଗ ମିଳିଥିଲା । ପୁଣଇଥରେ ସେ ମାଟିର ପୁଅଙ୍କ ସହ ମିଶିବାର ଜାଣି ଖୁସି ବି ହୋଇଥିଲି । ପୂର୍ବରୁ କେବେ ବୌଦ୍ଧ ମାଟିକୁ ଯାଇନଥିଲେ ବି ବାଟରେ ଗଲା ବେଳେ ଅନେକ ଚାଷ ଜମି ଦେଖି ବହୁତ କିଛି ଭାବିଥିଲି । ଏହା ସତ ଯେ ଚାଷୀ ମାଟିର ମଣିଷ । ସେ କେବେ ବାବୁ ହାକିମର ପଦ ମାଗେନି । ସେ ଦରଦୀ ହୃଦୟର ପ୍ରାଣ । ତେବେ ଏଇ ଭିତରେ ବୌଦ୍ଧ ସହର ଠୁ କିଛି ଦୂର ଗାଁ ମାନଙ୍କୁ ଗଲି କାଜୁ ଉଦ୍ୟାନ ବୁଲିବାକୁ । ହେଲେ ସେଠାରେ ପହଁଚି ଚାଷୀ ମାନଙ୍କୁ ଦେଖି ମୁଁ ନିଜେ ନିଜକୁ ପ୍ରଶ୍ନ କରିବାକୁ ବାଧ ହେଲି । ଆମ ରାଜ୍ୟର କୌଣସି ଯୋଜନା କି ଅନ୍ୟ କିଛି କାହାକୁ ବି ଜଣାନାହିଁ । ଏ ଅଂଚଳରେ ଅନେକ ଚାଷୀ ଜୈବିକ ଚାଷକୁ ନିଜର ସବୁକିଛି ବୋଲି ବିବେଚନା କରିଥିବା ସତ୍ତ୍ୱେ ବି ସେମାନେ କୌଣସି ସରକାରୀ ଯୋଜନାର ଲାଭ ପାଇବା ତ ଦୂରର କଥା , ସରକାରଙ୍କ ଯୋଜନା ବିଷୟରେ ବି ଅଜ୍ଞ ଅଛନ୍ତି । କଥା ଛଳରେ ମୁଁ ସେମାନଙ୍କୁ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ କହିବା ବେଳେ ସୋମନେ ଭାବବିହ୍ୱଳ ହୋଇଯାଇଥିଲେ । କାରଣ ମଣିଷ କଷ୍ଟ କରି ଯଦି ଫଳ ନପାଏ , ଦୁଃଖ କରେ । ସାର ବିଷ କିଣିବାକୁ ଟଙ୍କା ନାହିଁ - ଏ ତ ଗୋଟିଏ ଦିଗ । କିନ୍ତୁ ସେମାନେ ଜୈବିକ ଚାଷ ପାଇଁ ଏତେ ଆଗଭର ତାହା ଦେଖି ଖୁସି ଲାଗିଲା । ଏମିତି ଚାଷୀଙ୍କ ସହ ମିଶିଲୁ ଯେଉଁ ମାନେ ୩୦ବର୍ଷ ହେବ ଜୈବିକ ଚାଷ କରିଆସୁଛନ୍ତି । ଭଳିକି ଭଳି ସବୁଜ ପନିପରିବା ସହ କ୍ଷେତ ସବୁଜିମାମୟ ହୋଇଯାଇଛି । କିନ୍ତୁ ସେମାନେ ଆଜି ଯାଏଁ ବି ସରକାରୀ ଯୋଜନା ବିଷୟରେ ଅବଗତ ହୋଇପାରୁନାହାନ୍ତି । ଆମ ରାଜ୍ୟର ବଳ ହେଉଛନ୍ତି ଆମ ଚାଷୀ । ଚାଷୀ ଯଦି ଏମିତି ଅନ୍ଧକାର ଭିତରେ ଗତି କରିବେ ତେବେ ସମାଜରେ ଲୁଟ୍ ଆଉ ଦୁର୍ନୀତି ଚରମ ସୀମା ଟପିଯିବ , ଏଥିରେ ସନ୍ଦେହ ନାହିଁ । ଏଠାରେ ସରକାରଙ୍କର କିଛି କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ବଖାଣିବାକୁ ଚେଷ୍ଟା କରିବି । ତଥ୍ୟ ଅନୁସାରେ କାଳିଆ ଯୋଜନା ସରକାରଙ୍କର ଏକ ପ୍ରମୁଖ କୃଷକ କଲ୍ୟାଣକାରୀ ଯୋଜନା । ତେବେ କେତେକ ଚାଷୀ ଏହି ଯୋଜନାର ଉପକୃତ ହୋଇଥିଲେ ହେଁ ଏଥିରେ ବିଭିନ୍ନ ଅଯୋଗ୍ୟ ହିତାଧିକାରୀ ଏହାର ଫାଇଦା ଉଠାଇଥିଲେ । ଯେଉଁମାନେ ଚାଷୀ କିମ୍ବା ଭାଗଚାଷୀ ନୁହଁନ୍ତି , ସେମାନେ ବି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଏହାର ଲାଭ ନେଇଥିଲେ । ସେତେବେଳେ ପ୍ରକୃତ ଚାଷୀମାନେ ଏଥିରୁ ବାଦ ପଡ଼ିଯାଇଥିଲେ । ତଥାପି ଚାଷୀ କେବେ ଟଙ୍କା ପଇସାରେ ମୋହ ରଖେନି । ତା ପାଇଁ ବାବୁ ହାକିମ ସବୁ ସେଇ ଚାଷ । ସେ ଖଟିଲେ ଖାଇବ । ସେ ଚାଷ ଜମି ତା' ପାଇଁ ଜୀବନର ସବୁଠାରୁ ବଡ଼ ରାଇଜ । ତେବେ କେଇଟା ଟଙ୍କା ମୋହରେ ଅନ୍ଧ ହୋଇ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଏ ଯୋଜନାର ଲାଭାର୍ଥି ହୋଇଯାଇଛନ୍ତି । ତେବେ ଏ ପରିପ୍ରେକ୍ଷୀରେ ବର୍ତ୍ତମାନ ସରକାରଙ୍କ ତରଫରୁ ଅଯୋଗ୍ୟ ହିତାଧିକାରୀଙ୍କୁ ଠାବ କରି ସେମାନଙ୍କ ଠାରୁ କାଳିଆ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଏତେ ସଂଖ୍ୟକ ଅଯୋଗ୍ୟ ହିତାଧିକାରୀ କିପରି ଏ ଯୋଜନାର ଫାଇଦା ଉଠାଇପାରିଲେ ? ତେବେ ସରକାରଙ୍କର ପ୍ରତିଟି ଯୋଜନା ଚାଷୀଙ୍କ ପାଇଁ ସମର୍ପିତ ଥାଏ । ଚାଷୀ କ୍ଷେତରେ ନିରନ୍ତର ଭାବେ ନିଜ କର୍ମ ସମ୍ପାଦନ କରୁଥାଏ । ଆଜି ଯଦି ଆମେ ଖାଦ୍ୟ ଖାଇବାର ସ୍ୱପ୍ନ ଦେଖୁଛେ , ତେବେ ଏହା କେବଳ ଚାଷୀର ଶ୍ରମର ସାର୍ଥକତା ପାଇଁ । କିନ୍ତୁ ଯଦି ପ୍ରକୃତ ଚାଷୀ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନପାରିଲା, ତେବେ ଏହା ଠାରୁ ବଡ଼ ଦୁଃଖର ବିଷୟ ଆଉ କିଛି ହୋଇନପାରେ । ସଭ୍ୟତାର ମାପକାଠି ବୋଲାଉଥିବା ଚାଷୀ ଯଦି ଅବହେଳିତ ହୁଏ , ତାହେଲେ ଦେଶର ଅର୍ଥନୀତିର ବିକାଶକୁ ଆଶା କରିବା ଏକ ଧୃଷ୍ଟତା ହେବ ।

ଏହାପରେ ସରକାରଙ୍କ ତରଫରୁ ପୁଣି ବଳରାମ ଯୋଜନା ଚାଷୀଙ୍କ ପାଇଁ ଘୋଷଣା କରାଯାଇଛି । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ କଅଁଷି ଉଦ୍ୟୋଗ ଯୋଜନା ଓ ଏମିତି ଅନେକ କିଛି । ପୁଣି ଥରେ କିପରି ଏଥିରେ ପ୍ରକୃତ ଚାଷୀ ଲାଭ ପାଆନ୍ତୁ ଏବଂ ଏହାର ସୁଫଳ କେବଳ ଚାଷୀକୁ ମିଳୁ , ଏହାକୁ ଦୃଷ୍ଟି ଦେବା ଉଚିତ୍ । ଏ କ୍ଷେତ୍ରରେ ଉପଯୁକ୍ତ ଓ ସଠିକ ଟ୍ରାନ୍ସପରେନ୍ସି ଆବଶ୍ୟକ । ଯୋଜନାରେ ସ୍ୱଚ୍ଛତା ପରିପ୍ରକାଶ ହେଲେ ଏହା ଚାଷୀଙ୍କ ପାଇଁ ଲାଭଦାୟକ ହୋଇପାରିବ ।

ବିଗତ କିଛି ବର୍ଷ ତଳେ କରୋନାର ମହାମାରୀରେ ଦେଶ ଏକପ୍ରକାର ତାଲାବନ୍ଦ ଅବସ୍ଥାରେ ଗତି କରୁଥିଲା । ଯେଉଁସମୟରେ ଆମେ ସମସ୍ତେ ଏ ମହାମାରୀକୁ ଡ଼ରି ଘରେ ବସିଥିଲେ , ଚାଷୀ କିନ୍ତୁ ନିଜ କର୍ମ ପଥରୁ ବିଚ୍ୟୁତ ହୋଇନଥିଲା । ସେ ଚାଷ କରିଛି । ଆଉ ସେଥିପାଇଁ କୃଷି କ୍ଷେତ୍ରରେ ଜିଡ଼ିପି ଅଭିବୃଦ୍ଧି ଘଟିଛି । ତେବେ ଏଇ କିଛି ଦିନ ତଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହୋଇଥିଲା କୃଷି ବିଲ୍ । କୃଷି ଓ କୃଷକଙ୍କ ବିକାଶକୁ ଆଭିମୁଖ୍ୟ କରି ଆନୀତ ଏହି ବିଲ କେତେଦୂର ଚାଷୀଙ୍କ ପାଖରେ ପହଁଚିପାରୁଛି, ଚାଷୀ କେତେଦୂର ଏହାର ଲାଭାର୍ଥୀ ହୋଇପାରୁଛି , ସେକଥା ଖୋଦ ଚାଷୀ ହିଁ ମତବ୍ୟକ୍ତ କରିପାରେ ।

ବାସୁଦେବପୁର ,
ଭଦ୍ରକ,ମୋ-୯୪୩୮୪୬୭୦୭୯

# ସର୍ଜନଶୀଳ ମଣିଷମାନେ ଜଗତର ଜାଗ୍ରତ ପ୍ରହରୀ


ଉମାଶଙ୍କର ପ୍ରସାଦ

ହିନ୍ଦୁଶାସ୍ତ୍ର ଅନୁସାରେ- ନିରାକାର ପୁରୁଷ ଯୋଗନିଦ୍ରାରେ ଅଭିଭୂତ ଥିବା ସମୟରେ ହଠାତ୍ ତାଙ୍କର ସୃଜନ ଚେତନା ଜାଗ୍ରତ ହେଲା ଓ ତାଙ୍କ ନାଭି କମଳରୁ ପଦ୍ମଟିଏ ଜାତ ହେଲା ଯେଉଁଥିରେ ବ୍ରହ୍ମାଙ୍କର ଆବିର୍ଭାବ ହେଲା । ସେହି ନିରାଧାର ପୁରୁଷଙ୍କ ଇଙ୍ଗିତରେ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହେଲା ଏବଂ ବ୍ରହ୍ମା ଜୀବଜଗତ ସର୍ଜିଲେ । ଏହି ଜୀବ ଜଗତ ଓ ମନୁଷ୍ୟାଦିକୁ ପାଳନ ପାଇଁ ବିଷ୍ଣୁ ଏବଂ ଜଗତର ଅନାଚାର ତଥା ଦୁଷ୍ଟ ଶକ୍ତିର ସଂହାର ପାଇଁ ଶିବଙ୍କର ଆବିର୍ଭାବ ଘଟିଲା । ଏହି ତିନି ଦେବତାଙ୍କ ପରିକଳ୍ପନାରେ ସର୍ଜନ ସଙ୍କେତକୁ ଖୋଜା ଯାଇପାରେ । ଆମ ଭାରତୀୟ ପରମ୍ପରାରେ ଲେଖକ ଓ କବି ହେଉଛନ୍ତି କ୍ରାନ୍ତଦ୍ରଷ୍ଟା ପୁରୁଷ । ଋଗ୍‌ବେଦ କହେ କବିଟିଏ ହେଉଛି ଭୂୟୋଦ୍ରଷ୍ଟା ଋଷି । ସେ ସୃଜନସତ୍ତାରେ ଆଲୋକିତ ପୁରୁଷ । ସେ ଭୂମି ଓ ଭୂମାରେ ମୁଗ୍ଧ ସମର୍ପିତ ଆତ୍ମା । 'କବୃ' ଧାତୁରୁ ତ ପ୍ରତ୍ୟୟ ରୁ କବି ଶବ୍ଦ ନିଷ୍ପନ୍ନ । ଯେ ସୃଜନ ମନ୍ତ୍ରରେ ବିଭୋର ତଥା ବର୍ଣ୍ଣନା କାରୀ ସେ ତ କବି । ' ଅଗ୍ନିପୁରାଣ' କହେ "ଅପାର କାବ୍ୟସଂସାରେ କବିରେବ ପ୍ରଜାପତି" । ତେଣୁ କବି ଓ ଲେଖକ ମାନଙ୍କୁ କାଳେ କାଳେ ସ୍ରଷ୍ଟାର ଆସନରେ ଆସୀନ କରାଯାଇଛି । ଏଣୁ ପ୍ରତ୍ୟେକ ଲେଖକ ସୃଜନଶୀଳତାର ମନ୍ତ୍ରରେ ମନ୍ତ୍ରିତ ବ୍ୟକ୍ତିସତ୍ତା ଏହି ସୃଜନଶୀଳତାରେ ଲେଖକର ମା ରୂପଟି ପ୍ରତିବିମ୍ବିତ ହେବା ସହ ସେ ଜଗତର ଜାଗ୍ରତ ପ୍ରହରୀ ଭାବେ ଉଦ୍‌ଭାସିତ ହୋଇଥାଏ । ପ୍ରତି ମଣିଷଠାରେ ସୃଜନଶୀଳତାର ନିତ୍ୟନିୟତ ଲୀଳା ଫୁଟିଉଠେ । ତେଣୁ ମଣିଷ ମାତ୍ରେ ସୃଜନଶୀଳ । ଯିଏ ସୃଜନଶୀଳ ତା'ର ଦାୟିତ୍ୱବୋଧ ରହିବା ସହ ସେ ସମାଜର ଜାଗ୍ରତ ପ୍ରହରୀ ଭାବେ ନିଜର କାର୍ଯ୍ୟଧାରାକୁ ସୁଚାରୁ ଭାବରେ କରି ଚାଲିଥାଏ ।

ସୃଷ୍ଟି, ସ୍ଥିତି ଏବଂ ବିନାଶ ହିଁ ସର୍ଜନଶୀଳତାର ନିୟତି । ଲେଖକ ବା କବିଟିର ମନୋରାଜ୍ୟରେ ସତତ ସର୍ଜନ, ପରିପାଳନ ଏବଂ ବିଲୟୀଭାବର ଚକ୍ର ଲାଗି ରହିଥାଏ । ମନୋବିଜ୍ଞାନୀ ସିଗମଣ୍ଡ ଫ୍ରଏଡ ବି ମନୁଷ୍ୟର ମନୋରାଜ୍ୟରେ ତିନୋଟି ସ୍ତରର ପରିକଳ୍ପନା କରିଛନ୍ତି । ସେଗୁଡିକ ହେଲା ସଚେତନ (conscious), ପ୍ରାକ୍‌ଚେତନ (preconscious) ଏବଂ ଅବଚେତନ (unconscious) ସ୍ତର । ମଣିଷ ଚେତନାର ତଳାତଳ ଇଲାକାରେ ବିଭିନ୍ନ ଅନୁଭୂତି ସ୍ମୃତି ରୂପେ ସଂଚିତ ହୋଇ ରହିଥାଏ । ତାହା ସଂଚୟନ, ସଂରକ୍ଷଣ, ବିସ୍ମରଣ ଓ ପୁନଃ ଆବାହନ ପର୍ଯ୍ୟାୟରେ ବିଘଟିତ ହୋଇ ସୃଜନର ରୂପ ନେଇଥାଏ । ସେହି ସୃଜନଶୀଳତା କଳି ରୂପ ଧରି କବିକଳ୍ପ ବାମନ ମାନଙ୍କୁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତୁଲ୍ୟ ତିନିପାଦ ଭୂମି ଯାଚିଦିଏ । ଫଳରେ ସୃଜନ ପାତ୍ର ଭରିଯାଏ । ସୃଜନଶୀଳତା ପ୍ରଜ୍ଞା, ପ୍ରତିଭା ଓ ପ୍ରଣୋଦନାର ଅପେକ୍ଷା ରଖେ । ପ୍ରଜ୍ଞାଦୀପ୍ତ ମନୋଭୂମିରେ ସୃଜନସ୍ୱପ୍ନ ନୂଆ ନୂଆ ରୂପେ ବିକଶିତ ହୋଇ ପ୍ରତିଭା କୋଟିକୁ ଉନ୍ନିତ ହୁଏ । ସମୀକ୍ଷା ଶାସ୍ତ୍ରରେ ତ ନବ ନବ ଉନ୍ମେଷ ଶାଳିନୀ ପ୍ରଜ୍ଞାକୁ ହିଁ ପ୍ରତିଭା କୁହାଯାଏ । ଏହି ପ୍ରତିଭା ଯେତେବେଳେ ପ୍ରେରଣା ଭୂମିରେ ପାଦ ଥାପେ, ସେତେବେଳେ ହିଁ କବିତା ବା ସୃଜନଧର୍ମୀ ଲେଖାଟିଏ ଉଷା ପରି ଆସି ମନକୁ ରଙ୍ଗେଇ ଦିଏ । ବ୍ୟକ୍ତି ମଣିଷଟି କବି ବା ସର୍ଜନଶୀଳ ଲେଖକୀୟ ସତ୍ତା ବନିଯାଏ ।

ଖିଆଲି ମଣିଷ ହିଁ ଅଧିକ ସୃଜନଶୀଳ । ଚିରା ଚରିତ ଶଗଡ ଗୁଳାରେ ପାଦ ଦେଲେ ସୃଜନର ଦିଗନ୍ତ ଦିଶେନା । ପ୍ରଜ୍ଞା ତ ବିବେକବୋଧ ସଂଜାତ ଅବବୋଧ; ପ୍ରତିଭାତ ନୂଆ ନୂଆ ରୂପ ନେଇ ଉଦେ ହୁଏ । ପ୍ରଣୋଦନା ସୃଜନଶୀଳ ମନ ବା ଭାବଭୋଳା ଦୃଷ୍ଟିକୁ ଉଦ୍ରେକ କରୁଥିବା ସେହି ସାଧନ ମାତ୍ର । ଏହି କାରକ ତିନୋଟି ସର୍ଜନଶୀଳତାର ନିୟାମକ । ଏହି କାରକ ତ୍ରୟର ସମନ୍ୱୟରେ ବ୍ୟକ୍ତି ମଣିଷଟି କବି ମଣିଷରେ ରୂପାନ୍ତରିତ ହୋଇଯାଏ । ଆମେ ଆମ ପୁରାଣ କଳ୍ପ ବା ମିଥ୍‌ର ସର୍ଜନ, ପାଳନ ଓ ବିଲୟନ ଧାରାରେ ବ୍ରହ୍ମା, ବିଷ୍ଣୁ ଓ ଧ୍ୱଂସକାରୀ ରୁଦ୍ରର କାର୍ଯ୍ୟକାରିତାକୁ ଲକ୍ଷ କରିପାରିବା । ଲେଖାଟି ପ୍ରଥମେ ମଣିଷ ଚେତନାର ଅବଚେତନ ସ୍ତରରେ ରହିଥାଏ । ପରେ ଅର୍ଦ୍ଧଚେତନ ସ୍ତରକୁ ଆସି କୋଷା ବାନ୍ଧେ ଏବଂ ଚେତନ ସ୍ତରକୁ ଆସିଲେ ହିଁ ପ୍ରଜାପତି ପରି ଲେଖାଟି ଚହଟେ; ତାହା କବି ବା ଲେଖକର ଆଦରର ଧନ ପାଲଟିଯାଏ । ବିଦଗ୍ଧ ପାଠକେ ଲେଖାଟିକୁ ଅପଣେଇ ନିଅନ୍ତି । ସୃଜନଶୀଳତା ପାଇଁ ମା ମନଲୋଡା । ମା' ମନ ନଥିଲେ କେହି କସ୍ମିନ କାଳେ କବି ବା ଲେଖକ ହୋଇପାରେନା । ମା' ଗର୍ଭରେ ଯେପରି ଭ୍ରୂଣ ସଂଚାର ଘଟି ବିଭିନ୍ନ ପର୍ଯ୍ୟାୟ ଦେଇ ତାହା ସନ୍ତାନ ରୂପ ନେଇ ଜନ୍ମେ; ଲେଖାଟିବି ନାନା ପ୍ରତିଘାତ ନେଇ ଅକ୍ଷର ରୂପ ନିଏ । ଲେଖାଟି ଯେତେବେଳେ ଗର୍ଜନ ମୁଖର ହୁଏ ସେତେବେଳେ କିଛି ହଟ ଚମଟ ସୃଷ୍ଟି କରିଥାଏ ମାତ୍ର ପରେ ତାହା ତୃପ୍ତି ନଦେଇ ଅତୃପ୍ତିର କାରଣ ହୋଇଥାଏ । ମଣିଷ ମାତ୍ରକେ ସାମାଜିକ ଜୀବ । ସେ କର୍ମ କଷଣ ସହି ଦେଶ, ଜାତି, ସମାଜ ଏବଂ ସର୍ବୋପରି ଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରେ । ଏହା ପାରିବାରିକ ସ୍ତରରୁ ସାମାଜିକ ସ୍ତର ଯାଏ ପରିବ୍ୟାପ୍ତ ହୋଇଥାଏ । କବି, ଲେଖକ ସମେତ ସର୍ଜନଶୀଳ ମଣିଷମାନେ ଜଗତର ଜାଗ୍ରତ ପ୍ରହରୀ । ଇଂରେଜ କବି ଶେଲି (P.B Shelly) କହନ୍ତି- କବିମାନେ ଅମରତ୍ୱର ଶୁଶ୍ରୁଷାକାରୀ (Nursing of immortality) ଏବଂ ଜଗତର ଅଣସ୍ୱୀକୃତ ବ୍ୟବସ୍ଥାପକ(the unacknowledged legislators of the world) । ସେହିମାନେ ହିଁ ପୃଥିବୀର ମଣିଷ ସହ ମଣିଷର ଆଳାପ ଆଲୋଚନାର ସେତୁ ପ୍ରସ୍ତୁତ କରନ୍ତି । ଉକ୍ତ କଥାକୁ ଡକ୍ଟଯ୍ୱୟଙ୍ଗଙ୍କୁକ୍ସଷ ସ୍ୱୀକୃତି ଦେଇ କହନ୍ତି—ଞ୍ଜଷର କ୍ଟକ୍ଟରଗ୍ଧ ସଗ୍ଧ ବ ଙ୍କବଭ ଗ୍ଧକ୍ଟରବଳସଭଶ ଗ୍ଧକ୍ଟ କ୍ଟଗ୍ଧଷରକ୍ସ ଙ୍କରଭ, ଷରଭମର କ୍ଟକ୍ଟରଗ୍ଧକ୍ସଛ ସଗ୍ଧ ବ ଙ୍କକ୍ଟୟର କ୍ଟଲ ଷଙ୍କଙ୍କବଭ ମକ୍ଟଙ୍କଙ୍କଙ୍କଭସମବଗ୍ଧସକ୍ଟଭ. ମଣିଷ ହେଉଛି ମଣିଷର ପାରସ୍ପରିକ ଯୋଗା ଯୋଗର ଏକ ମାର୍ଗ ବିଶେଷ । ଯଦି ଲେଖକ ଓ କବି ସମାଜ ପ୍ରତି ସମର୍ପିତ ନହୁଏ ସେତେବେଳ ପର୍ଯ୍ୟନ୍ତ ଲେଖାର ମହକ ରହେନି ଓ ସେ ସମାଜର ଜାଗ୍ରତ ପ୍ରହରୀ ଭାବେ ପରିଗଣିତ ହୋଇନଥାଏ । ପ୍ରତ୍ୟେକ ସର୍ଜନ କାରି ଲେଖକ ହେଉ କି କବି ହେଉ ଅଲକ୍ଷିତ ଭାବରେ ଏକାନ୍ତ ଆଦର୍ଶକାମୀ ହେବାସହ ବଂଚି ବଂଚାଇବାର ରାହାଧରି ଚାଲିବା ଦରକାର ।

ସ୍ତମ୍ଭକାର, ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

# ଅର୍ନ୍ତବାଣୀ


ଅନୀତା ପଟ୍ଟନାୟକ

ମୋ ଭିତରେ ନିଶ୍ଚୟଭାବେ କିଏ ଅଛି ଯେ କି ମୋ ଭିତରେ ଦିନସାରା କିଛିନା କିଛି ଭାବନା ସୃଷ୍ଟି କରି ଗପକରି ଚାଲିଛି । ମୋ ଭିତରେ ନିଶ୍ଚୟ ଭାବରେ ଗୋଟିଏ ଗନ୍ତାଘର ଅଛି, ଯେ କି ମୋର ଚିନ୍ତାଧାରା ଗୁଡ଼ିକୁ ସଜାଡ଼ି ରଖୁଛି । ମୋ ଭିତରେ ନିଶ୍ଚୟ କିଛି ଲିଭାଇବା ଯନ୍ତ୍ର ଅଛି, ଯେ କି ଦରକାର ହେଲେ ମୋର ଖରାପ ଚିନ୍ତାକୁ ସୁନ୍ଦର ଭାବରେ ଲିଭାଇ ଦେଇ ପାରୁଛି । ମୋ ଭିତରେ ନିଶ୍ଚୟ ଭାବରେ ଜଣେ କେହି ଋଷି ପ୍ରତିମ ଜ୍ଞାନୀଗୁଣୀ ବ୍ୟକ୍ତି ଅଛନ୍ତି, ଯେ କି ମତେ ସୁନ୍ଦର ଚିନ୍ତାଧାରା ଦେଉଛନ୍ତି । ମୋ ଭିତରେ ଅଗ୍ନିର ଲେଲିହାନ ଶିଖାପରି କିଛି ଅଛି ନେଚତ ମୁଁ ଜନ୍ମରୁ ଆଜି ପର୍ଯ୍ୟନ୍ତ ଯେତେ ଖାଦ୍ୟ ଖାଇ ସାରିଛି ତାହାକୁ ସେ ହଜମ କରି ସାରିଛି ଓ ପୁଣି କ୍ଷୁଧା ସୃଷ୍ଟି କରୁଛି ଓ ଭକ୍ଷଣ କରିବ କହୁଛି । ମୋ ଭିତରେ ନିଶ୍ଚୟ ସୁମଧୁର ସ୍ୱରଥିବା କୌଣସି ଘଣ୍ଟା ଅଛି ନଚେତ କାଳ ବିଷୟରେ ମତେ କିଏ ସଚେତନ କରାଉଛି ? ମୋ ଭିତରେ କଣ ଆଗ୍ନେୟଗିରି ଅଛି ? ନଚେତ ସାଧାରଣ କଥାରେ ରାଗରେ ଜର୍ଜରିତ ହେଉଛି କିପରି ? ମୋ ଭିତରେ କିଛି ଗୋଟେ ଚଳନ୍ତତା ଯନ୍ତ୍ର ଅଛି ନଚେତ ମୋ ଦେହର ରକ୍ତ କଣିକା ଗୁଡ଼ିକ ଆପାଦମସ୍ତକ ଦୌଡ଼ି ପାରୁଛି କିପରି ? ନିଶ୍ଚୟ ମୋ ଭିତରେ ପ୍ରଭୁ ରହିଛନ୍ତି ଓ ମତେ ସୁରକ୍ଷା ଦେବା ସହ ଚଲାପଥରେ ସାହାଯ୍ୟ କରୁଛନ୍ତି ।

ଏମିତି ଗୁଡ଼ିଏ ଚିନ୍ତା କରୁଥିବା ସମୟରେ ମୁଁ ଗୋଟିଏ ବଗିଚା ନିକଟରେ ପହଞ୍ଚିଲି, ଦେଖିଲି ଭଳି କି ଭଳି ଫୁଲ ଫୁଟିଛି ଭାବିଲି ନିଶ୍ଚୟ ଏ ବଗିଚାରେ କିଏ ଗୋଟିଏ ମାଳି ଅଛି, ନଚେତ ସୁନ୍ଦର ଭାବେ ଘାସ କଟାଯାଇ ମୁଲାୟମ ଚାଦର/ ଗାଲିଚା କିଏ ସୃଷ୍ଟି କରିଛି ? ଫୁଟିଥିବା ନାଲି ନାଲି ଗୋଲାପ ଗଛକୁ କୁଣ୍ଡରେ ଧାଡ଼ି ଧାଡ଼ି କରି କିଏ ସାଇତି ରଖିଛି ? ଗଛ ସବୁ କଟାଯାଇ ସେଥିରେ ସୁନ୍ଦର ସୁନ୍ଦର ପଶୁ ଓ ପକ୍ଷୀର ଆକୃତି କିଏ କରିଛି ? ବିଭିନ୍ନ ରଙ୍ଗର ସୂର୍ଯ୍ୟମୁଖୀ ଫୁଲ, କଇଁ ଫୁଲ, କନିଅର ଫୁଲ, ଟଗରଫୁଲ, ଚମ୍ପାଫୁଲ ଓ ରଜନୀଗନ୍ଧା ଫୁଲକୁ କିଏ ସୁରକ୍ଷା ଦେଉଛି ? ଫୁଲ ଗୁଡ଼ିକ ନୀରବ ସାଧକ ପରି ଆଗନ୍ତୁକ ମାନଙ୍କୁ ଆନନ୍ଦ ପ୍ରଦାନ କରୁଛନ୍ତି । ମତେ ଲାଗିଲା ଏ ସବୁ ଭିତରେ ମାଳି ଯେପରି ବଗିଚାକୁ ସଜାଇଛି ସେହିପରି ସୃଷ୍ଟିରେ କେହି ଜଣେ ସୃଷ୍ଟିକର୍ତ୍ତା ଅଛନ୍ତି ଯେ କି ମୋ ଭିତରେ ବାହାରେ ସର୍ବତ୍ର ଅଛନ୍ତି ଓ ମତେ ସଜାଇ ରଖିଛନ୍ତି । ସୃଷ୍ଟିକର୍ତ୍ତାଙ୍କ ବିଷୟରେ ଏପରି ଭାବୁ ଭାବୁ ମତେ ଟିକେ ହାଲିଆ ଲାଗିବାରୁ ମୁଁ ବଗିଚା କଡ଼ରେ ଥିବା ଅନାବନା ଅସଜଡ଼ା ଘାସ ଦେଖିବାକୁ ପାଇଲି ଓ ସେଠାରେ ବସି ପଡ଼ିଲି । ଭାବିଲି ଭଗବାନଙ୍କ ପାଖରେ କେତେ ପରିମାଣର ସୁନ୍ଦର ସୁନ୍ଦର ରଙ୍ଗ ଅଛି ସତେ ? ବୃକ୍ଷର ପତର ସବୁ ସବୁଜ । ଆକାଶ ନୀଳ, ନାଲି, ହଳଦୀ, ଗୋଲାପି ରଙ୍ଗର କେତେ ଗୋଲାପ ଫୁଲ । ହଳଦିଆ କନିଅର ଫୁଲ ଇତ୍ୟାଦି ଇତ୍ୟାଦି । ମୁଁ ଚିତ୍ରଟିଏ ଆଙ୍କିଦେଲେ ମୋର ରଙ୍ଗଡବାଟି ସରିଯାଉଛି ସୃଷ୍ଟିକର୍ତ୍ତା କେଉଁଠାରୁ ଏତେ ପ୍ରକାରର ଓ ଏତେ ରଙ୍ଗ ଆଣୁଛନ୍ତି ? ସେ କାରଖାନା କେଉଁଠାରେ ବିଦ୍ୟମାନ । ଭାବିଲି ଆରେ ପରିବାପତ୍ର ମଧ୍ୟ ବିଭିନ୍ନ ପ୍ରକାରର ଓ ରଙ୍ଗର । ଆଳୁ ମାଟିଆ ଗୋଲାକାର ଓ ଚେପେଟା, ବାଇଗଣ ଧଳା, କଳା । ଫୁଲକୋବି ଧଳା, ସବୁଜ ବନ୍ଧାକୋବି । ଏ ସବୁ ସୃଷ୍ଟିକର୍ତ୍ତା ସୃଷ୍ଟି କରିଛନ୍ତି ଆମକୁ ଖୁସି କରିବା ପାଇଁ ବିନା କର ଦେଇ ବାୟୁ, ଅଗ୍ନି, ଜଳ ଆକାଶ ସବୁ କିଛି ଦେଇଛନ୍ତି । ମା କହନ୍ତି 'ଭଗବାନଙ୍କୁ ପୂଜା କରିବା, ମନ୍ଦିର ଯିବା, ଭଜନ କରିବା, ଧ୍ୟାନ କରିବା ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଏସବୁ ସୃଷ୍ଟିକର୍ତ୍ତାଙ୍କୁ କରଦେବା ସଦୃଶ ।

ଏ ସମୟରେ ଦେଖିଲି ସୁନ୍ଦର ବଗିଚାର ପାଚେରୀ କଡ଼ରେ ମୁଁ ବସିଥିବା ଜାଗାର ପାଖରେ ଅନାବନା ଦୁବଘାସ ବଢ଼ିଛି ମତେ ଲାଗିଲା ସତେ ଯେପରି କହୁଛି ହେ ମାନବ ଦେଖ ମୋର କି ଅଲୋଡ଼ା ଜୀବନ । ପାଚେରୀ ଘେରା ସୁନ୍ଦର ବଗିଚାରେ ଯେଉଁ ଆଗନ୍ତୁକମାନେ ଆସୁଛନ୍ତି ଓ ବଗିଚାର ଚୌକିରେ ବସିଛନ୍ତି ଗାଲିଚା ପରା ଘାସକୁ ସୁନ୍ଦର କହି ଉପଭୋଗ କରୁଛନ୍ତି, ହେଲେ ମୋର ଜୀବନ କ୍ଷଣସ୍ଥାୟୀ, ମୋ ଉପରେ ମଣିଷ, ଜୀବଜନ୍ତୁ ସବୁ ଚଢ଼ି ଚାଲିଯାଉଛନ୍ତି । କି ତୁଚ୍ଛ ମୋର ଜୀବନ । ଏହି ସମୟରେ ମୋର ଭିତରୁ ସ୍ୱତଃ ବାହାରି ପଡ଼ିଲା ଆରେ ମୁଁ ଏତେ ସମୟ ହେବ କ'ଣ କରୁଛି ? ଆଜିପରା ରଥଯାତ୍ରା ମା କହିଥିଲେ ଆସିବାବେଳେ ଦୁବଘାସ ଆଣିବୁ । ପ୍ରଭୁ ଜଗନ୍ନାଥ ତାଙ୍କ କିରଟୀରେ ଦୁବଘାସ ଲଗାଇବାକୁ ଭାରି ଭଲ ପାଆନ୍ତି ତେଣୁ ଘରେ ଥିବା ଜଗନ୍ନାଥଙ୍କ ମୂର୍ତ୍ତିରେ ସେ ଦୁବଘାସ ପ୍ରଦାନ କରିବେ କହିଥିଲେ । ମୁଁ ସଯତ୍ନେ ଦୁବଘାସକୁ ଉପାଡ଼ିଲି ଓ ମନେ ମନେ ଭାବିଲି ଏ ପୃଥିବୀରେ କିଛି ତୁଚ୍ଛନୁହେଁ । ଭଗବାନ କିଛି ନା କିଛି ଉଦ୍ଦେଶ୍ୟ ରଖି ପ୍ରତ୍ୟେକ ବସ୍ତୁକୁ ସୃଷ୍ଟି କରିଛନ୍ତି କେହି ଛୋଟ ବା ବଡ଼ ନୁହଁନ୍ତି । ସଚରାଚର ଜଗତରେ ସେ ବିଦ୍ୟମାନ । ଏ ଦୁବ, ବଗିଚାରେ ନାହିଁ ବୋଲି ଦୁଃଖ କରିବା ଉଚିତ ନୁହେଁ କାରଣ ବଗିଚାର ଗାଲିଚା ସଦୃଶ ଘାସ ଠାରୁ ମଧ୍ୟ ମହାନ । ଭଗବାନଙ୍କର କିରଟୀରେ ରହି ସେ ତାର ଜନ୍ମର ପୂର୍ଣ୍ଣତା ଲାଭ କରିବ ହେଲେ ମତେ ଅନେକ ସମୟ ବିତାଇବାକୁ ଅଛି ଏ ଜନ୍ମର ସାର୍ଥକତା ପାଇଁ । ଶୀଘ୍ର ଯାଏ ନଚେତ ମା ଅଭିମାନ କରିବେ ।

ଅବସରପ୍ରାପ୍ତ ପ୍ରଧାପିକା,
ପ୍ଲଟନଂ-୫ଡି/୧୪୫୦,
ସେକ୍ଟର-୧୦, ସିଡିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ଭିଡ଼ରେ ଶୃଙ୍ଖଳା ଯାତ୍ରା


ଶୁଭସ୍ମିତା ସାମଲ

ଯେକୌଣସି କ୍ଷେତ୍ର ବା ସ୍ତରରେ ହେଉ, ବିଶୃଙ୍ଖଳିତ ଆଚରଣ ସର୍ବଦା ବିପତ୍ତିର କାରଣ ହୋଇଥାଏ । ଆମ ସମ୍ମୁଖରେ ଏହାର ରାଶି ରାଶି ଉଦାହରଣ ରହିଥିଲେ ହେଁ ସେଥିରୁ ଆମେ କିଛି ଶିକ୍ଷା ଗ୍ରହଣ କରୁନାହୁଁ । ଫଳରେ ବାରମ୍ବାର ଦୁର୍ଘଟଣା ଓ ଅଘଟନ ଘଟି ପ୍ରାଣଘାତୀ ପାଲଟୁଛି । ଶନିବାର ମକର ମେଳା ଅବସରରେ କଟକ ଜିଲ୍ଲା ବଡ଼ମ୍ବା ବ୍ଲକର ସିଂହନାଥ ପୀଠରେ ଘଟିଥିବା ଘଟନା ଏହାର ଆଉ ଏକ ପ୍ରମାଣ କହିଲେ ଭୁଲ ହେବନାହିଁ । ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଚାରି ଜଣ ଗୁରୁତର ଓ ଦଶ ଜଣରୁ ଅଧିକ ଲୋକ ଆହତ ହୋଇଛନ୍ତି । ବିଡ଼ମ୍ବନା ଯେ ଏ ଘଟନା ଘଟିବାର ଚବିଶ ଘଣ୍ଟା ନ ପୁରୁଣୁ ପୁରୀ ଶ୍ରୀମନ୍ଦିରରେ ରବିବାର ଠେଲାପେଲା ଯୋଗୁଁ ଦୁଇଜଣ ମହିଳା ଭକ୍ତ ଆହତ ହୋଇଛନ୍ତି । କୋଭିଡ଼୍ ଯୋଗୁଁ ବିଗତ ଦୁଇ ବର୍ଷ ଧରି ମେଳା ମଉଛବ ବା ଯାନିଯାତ୍ରାରେ ଜନସମାଗମ ନେଇ କଟକଣା ଲାଗିଥିଲାବେଳେ ଚଳିତବର୍ଷ ସ୍ଥିତି ସ୍ୱାଭାବିକ ହୋଇଛି । ତେଣୁ ଦେବଦେବୀ ପୀଠ ହେଉ ବା ଅନ୍ୟ କୌଣସି ବାର୍ଷିକ ମେଳା, ସବୁଥିରେ ଅସମ୍ଭବ ଜନଗହଳି ହେଉଛି । ଏହା ଆମେ ପୂର୍ବରୁ ମଧ୍ୟ ଦେଖିସାରିଛୁ । ଅତଏବ ଏହି ତିନିଦିନିଆ ମକର ମେଳାକୁ ଅଧିକ ଲୋକ ଆସିବା ନେଇ ପୂର୍ବାନୁମାନ କରାଯାଉଥିଲା । ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କାହିଁକି ଜନସମାଗମକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଗଲା ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୁଇପଟକୁ ସଂଯୋଗ କରୁଥିବା ସେତୁ ପରି ପୀଠକୁ ସଂଯୋଗ କରୁଥିବା ଟି-ସେତୁର ଦୁଇପଟେ ଫୁଟପାଥ ନାହିଁ ଓ ସେତୁର ଏହି ଅଂଶଟି ଅଣଓସାରିଆ । ଭକ୍ତମାନେ ସେହି ପଥଦେଇ ଏକା ସାଙ୍ଗେ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ । ଯଦି ଶୃଙ୍ଖଳିତ ଯାତାୟାତ ପାଇଁ ପୁଲିସ ପକ୍ଷରୁ ସେଠାରେ ପୂର୍ବରୁ ବନ୍ଦୋବସ୍ତ କରାଯାଇଥାଆନ୍ତା ଏଭଳି ସ୍ଥିତି ଉପୁଜିବାର ଅବକାଶ କମ ରହିଥାଆନ୍ତା । ଏହି ଅଘଟନ ପାଇଁ ଯେ ପ୍ରଶାସନିକ ଅବ୍ୟବସ୍ଥା ହିଁ ଏକା ଦାୟୀ, ତାହା ଆଦୌ ନୁହେଁ । ଜନସାଧାରଣ ନିଜେ ଯଦି ବିଶୃଙ୍ଖଳିତ ଆଚରଣ କରିବେ ବା ନିର୍ବୋଧତା ଦେଖାଇବେ, ସେମାନଙ୍କୁ କେହି ସୁରକ୍ଷା ଦେଇପାରିବେ ନାହିଁ । ଗୋଟାଏ ଅଣଓସାରିଆ ସେତୁ ଉପରେ ଠିଆ ହେବାପାଇଁ ଜାଗା ନଥିବା ସତ୍ତ୍ୱେ ସେହି ଭିଡ଼ି ଭିତରକୁ ପଶିବା ବୁଦ୍ଧିମତା ତ ଆଦୌ ନୁହେଁ । ଆଉ ମଧ୍ୟ ଭିଡ଼ ଦେଖିବା ସତ୍ତ୍ୱେ ବାଲିରେ ତିଆରି ପାଦଚଲା ରାସ୍ତା ବ୍ୟବହାର ନକରି ସମସ୍ତେ ସେତୁ ଉପରେ ଯିବାକୁ ଚେଷ୍ଟା କରିବାକୁ ଅପରିଣାମଦର୍ଶିତା ହିଁ କୁହାଯାଇପାରିବ । ଆମ ଦେଶର ଧର୍ମପୀଠ ଗୁଡ଼ିକରେ ଦଳାଚକଟା ଘଟନା ନୂଆ ନୁହେଁ । ୨୦୦୮ରେ ହିମାଚଳ ପ୍ରଦେଶର ନୈନାଦେବୀ ମନ୍ଦିର ଏବଂ ରାଜସ୍ଥାନ ଯୋଧପୁରର ଚାମୁଣ୍ଡାଦେବୀ ମନ୍ଦିର ଦଳାଚକଟାରେ ଯଥାକ୍ରମେ ୧୪୬ ଜଣ ଓ ୨୨୪ ଜଣଙ୍କ ମର୍ମାନ୍ତିକ ମୃତ୍ୟୁ ହୋଇଥିଲା । ୨୦୧୩ରେ ମଧ୍ୟପ୍ରଦେଶର ଦାତିଆ ଜିଲ୍ଲାରେ ଅବସ୍ଥିତ ରତନଗଡ଼ ମାତା ମନ୍ଦିରକୁ ସିଂହନାଥ ପୀଠ ପରି ଏକ ସେତୁ ସଂଯୋଗ କରୁଥିବାବେଳେ ସେହି ସେତୁରେ ଦଳାଚକଟା ହୋଇ ୧୧୫ ଜଣ ପ୍ରାଣ ହରାଇଥିଲେ । ପ୍ରତିବର୍ଷ ଛୋଟମୋଟ ଏପରି ଅନେକ ଘଟଣା ଘଟୁଥିବା ସତ୍ତ୍ୱେ ଏଥିପ୍ରତି ଆମେ ସଚେତନ ନହେବା ବାସ୍ତବିକ ପରିତାପର ବିଷୟ । ପ୍ରଶାସନିକ ସୁବ୍ୟବସ୍ଥା ଉତ୍ତମ ଭିତ୍ତିଭୂମି ନିର୍ମାଣ, ଜନସାଧାରଣଙ୍କ ନିୟମକାନୁନ ପାଳନ ଓ ଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ ଦେଲେ ଏପରି ଅଘଟଣକୁ ଅବଶ୍ୟ ରୋକାଯାଇପାରିବ । ସାଧାରଣରେ ଗହଳି ଅନେକଙ୍କ ଧନ ଜୀବନର କାରଣ ପାଲଟିଥାଏ ଓ ପ୍ରଶାସନ ପାଇଁ ଏହା ବଡ଼ ମୁଣ୍ଡବିନ୍ଧାର କାରଣ ହୋଇଥାଏ । ଏ କ୍ଷେତ୍ରରେ ଆମ୍ଭ ମାନଙ୍କ ଭିତରେ ସଚେତନତା ବଢ଼ିବା ଅତ୍ୟନ୍ତ ଜରୁରୀ ।

ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ,
ଚଣ୍ଡୀଛକ, କଟକ

# ମୋ ଓଡ଼ିଶା

## ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ମହିଳା କଂଗ୍ରେସର ବିକ୍ଷୋଭ




ଭୁବନେଶ୍ୱର (ପିଏନ୍)- ରାଜ୍ୟରେ ୨୨ ବର୍ଷଧରି ଶାସନ କରୁଥିବା ବିଜେଡ଼ି ସରକାର ଏବଂ କେନ୍ଦ୍ରରେ ୯ ବର୍ଷଧରି ଶାସନ କରୁଥିବା ବିଜେପି ସରକାର ସାଧାରଣ ଜନତାଙ୍କୁ ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଚାଲିଛନ୍ତି। ଗତ ଦୁଇବର୍ଷ ଧରି କରୋନାରେ ଆକ୍ରାନ୍ତ ହୋଇ ସର୍ବସ୍ୱ ହରାଇଥିବା ସାଧାରଣ ଜନତାଙ୍କ ଅଂଟା ସଳଖି ନଥିଲା ବେଳେ ଅତ୍ୟାବଶକୀୟ ସାମଗ୍ରୀର ଦରବୃଦ୍ଧି ସାଧାରଣ ଜନତାଙ୍କ ଉପରେ ବେଢ଼ି ଉପରେ କରୋଢ଼ା ସଦୃଶ ହୋଇଛି। ୨୦୧୪ ମସିହାରେ କଂଗ୍ରେସ ସରକାର ସମୟରେ ଘରୋଇ ସିଲିଣ୍ଡର ପିଛା ୪୧୪ ଟଙ୍କା ଥିବାବେଳେ ଗତ ୯ ବର୍ଷ ମଧ୍ୟରେ ବର୍ତ୍ତମାନ ଘରୋଇ ସିଲିଣ୍ଡର ଦର ୧୧ଶହ ଟଙ୍କାରେ ପଂହଚିଲାଣି। ମୋଦି ସରକାର ଗତ ଜୁଲାଇ ୬ ତାରିଖ ଦିନ ଏଲପିଜି ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଛନ୍ତି। ଏହା ପ୍ରତ୍ୟେକ ଗୃହିଣୀଙ୍କ ହାଣ୍ଡିଶାଳକୁ ଚୋଟ ପ୍ରହାର କହିଲେ ନଚଳେ।

ଗତ ଜୁଲାଇ ୨୦୨୧ ମସିହା ପରଠାରୁ ଏପର୍ଯ୍ୟନ୍ତ ଗୋଟିଏ ବର୍ଷରେ କେନ୍ଦ୍ର ସରକାର ସିଲିଣ୍ଡର ପିଛା ୨୧୮ ଟଙ୍କା ବୃଦ୍ଧି କରିଛନ୍ତି। ଜୁଲାଇ ୨୦୨୧ରେ ୧୪.୨ କେଜି ସିଲିଣ୍ଡରକୁ ୮୩୫ ଟଙ୍କା ଦାମ ଥିବା ବେଳେ ବର୍ତ୍ତମାନ ତାହା ୧୦୫୩ ଟଙ୍କାକୁ ବୃଦ୍ଧି ହୋଇଅଛି। କଂଗ୍ରେସ ଏହାକୁ ସଂପୂର୍ଣ୍ଣ ବିରୋଧ କରୁଛି ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଗିତାଂଜଳି ମହାନ୍ତିଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଂଟିନ ଛକଠାରେ ଏକ ବିକ୍ଷୋଭ କରାଯାଇଥିଲା।

ଉଭୟ ସରକାରଙ୍କୁ ସମାଲୋଚନା କରି ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୱାର୍ଡ ମେମ୍ବରଠାରୁ ରାଷ୍ଟ୍ରପତି ନିର୍ବାଚନ ପର୍ଯ୍ୟନ୍ତ ମା' ଓ ଭଉଣୀ କହି ମହିଳା କାର୍ଡ଼ ଖେଳି ନିର୍ବାଚନ ବୈତରଣୀ ପାର ହୁଅନ୍ତି। ପ୍ରଧାନମନ୍ତ୍ରୀ ମହିଳାମାନଙ୍କ ଆଖିରୁ ଲୁହ ପୋଛିବା ପାଇଁ ଉଜ୍ଜଳା ଯୋଜନା ଘୋଷଣା କରିଥିଲେ। କିନ୍ତୁ କଂଗ୍ରେସର ୪୧୪ ଟଙ୍କା ଏବେ ୧୧୦୦ ଟଙ୍କାରେ ଗ୍ୟାସ ଦର ବୃଦ୍ଧି କରି ମହିଳା ଯଥା ଗୃହିଣୀମାନଙ୍କ ପ୍ରତି ବିଶ୍ୱାସଘାତକତା ଓ ପ୍ରତାରଣା କରିଛନ୍ତି। ମହିଳାମାନେ ଆଗାମୀ ଦିନରେ ନିର୍ବାଚନ ସମୟରେ ଉଚିତ ଜବାବ ଦେବେ ବୋଲି ଶ୍ରୀମତୀ ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ କଟୁ ସମାଲୋଚନା କରି କହିଲେ କେବଳ ଗ୍ୟାସ ନୁହଁ ପେଟ୍ରୋଲ, ଡିଜେଲ ଓ ଖାଦ୍ୟ ସାମଗ୍ରୀ ଅହେତୁକ ଦରଦାମ ବୃଦ୍ଧି ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏ ଉଭୟ ସରକାର ଜନବିରୋଧି ସରକାର ବୋଲି ଶ୍ରୀ ଦାଶ କହିଥିଲେ।

ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ସ୍ୱାଧୀନବାଳା ଦାସ, କୁସୁମ ପ୍ରଧାନ, ଶ୍ରୀୟା ପଣ୍ଡା, ଲକ୍ଷ୍ମିପ୍ରିୟା ଦାସ, ଜୟଶ୍ରୀ ନନ୍ଦ, ସୁବ୍ରତ ମହାପାତ୍ର, ଅଶୋକ ଦାସ, ଆଶିଷ ମଲ୍ଲିକ, ଅକ୍ଷୟ ଦାସ, ମନୋଜ ସାହୁ, ନଳିନୀ ନାୟକ, ବିଶ୍ୱଭୂଷଣ ମହାପାତ୍ର, ଅଖିଳେଶ ଯାଦବ, ସାଗର ପରିଡ଼ା, ଦେବାଶିଷ ଦାସ, ମନୋରନ ବେହେରା, ପରେଶ ପଣ୍ଡା ଓ ପ୍ରବୀଣ ମହାନ୍ତି ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ସ୍କାଉଟସ୍ ଏବଂ ଗାଇଡସ୍ ଏସିଆ ପ୍ୟାସିଫିକ୍ (ଫିଲିଫାଇନ) ନିର୍ଦ୍ଦେଶକଙ୍କ ଓଡିଶା ଗସ୍ତ

ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ବିଭିନ୍ନ ପ୍ରକଳ୍ପ (ଚାଇଲ୍ଡ ଏଜୁକେସନ, କ୍ଲିନ୍ ଇଣ୍ଡିଆ, ଫିଟ୍ ଇଣ୍ଡିଆ) ଓଡିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକରି ଆସୁଅଛି । ଓଡିଶାର ଏହି କାର୍ଯ୍ୟ ଏସିଆ ପ୍ୟାସିଫିକ୍ ଦ୍ୱାରା ମନୋନୀତ ହୋଇଥିବାରୁ ଏହି କାର୍ଯ୍ୟକୁ ପ୍ରଥମ ଥର ପାଇଁ ସୁଦୁର ଏସିଆ ପ୍ୟାସିଫିକ୍ ରିଜିଅନ, ଫିଲିପାଇନସ୍‌ରୁ ୬ ଜଣିଆ ଉଚ୍ଚ ପଦସ୍ଥ ଅଫିସର ଦୁଇ ଦିନିଆ ପରିଦର୍ଶନ କରିବାକୁ ଆସିଛନ୍ତି । ଏହି ପରିଦର୍ଶକ ଦଳରେ ଆଞ୍ଚଳିକ ନିର୍ଦ୍ଦେଶକ ଜେ.ଆର୍.ସି. ପାଙ୍ଗିଲିନାନ୍, ନିର୍ଦ୍ଦେଶକ ଶିକ୍ଷା ପ୍ରଣାଳୀ ସିଡ୍ କାଷ୍ଟିଲୋ, ପ୍ରକଳ୍ପ ଅଧିକାରୀ ଲାନ୍ସ ପାପା ଇଭରସନ ବନ, ଅଧିକାରୀ ଆର୍ଯ୍ୟ ଫ୍ରାନ୍ସିସ୍କୋ କାମେରୋଷ, ପ୍ରବନ୍ଧକ ବ୍ୟାଟ୍ରେରିଜ୍ କାନେଡିସ୍ ଏବଂ ଏନ୍.ଏସ୍.ଓ କୋଡିନେଟର ତଥା ଅତିରିକ୍ତ ଅନ୍ତର୍ଜାତୀୟ କମିଶନର ମଧୁସୁଦନ ଆଭାଲା ଅଛନ୍ତି ।

ଗତକାଲି ମଧ୍ୟାହ୍ନରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ



ଲାଲ୍‌ଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟ ସ୍କାଉଟିଂର ସଫଳତା ସହିତ ଏହି ପରିଦର୍ଶନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ଦ୍ୱିତୀୟ ଦିନର ଉଦ୍‌ଯାପନି ସମାରୋହରେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ତଥା ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ସମବାୟ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଓଡିଶା ସ୍କାଉଟର କାର୍ଯ୍ୟକ୍ରମ ମାନ ବିଶ୍ୱସ୍ତରରେ ପ୍ରଶଂସିତ ହେଉଥିବାରୁ ଆନନ୍ଦିତ ହୋଇଥିଲେ । ନିର୍ଦ୍ଦେଶକ ଏସିଆ ପ୍ୟାସିଫିକ୍ ରିଜିଅନ ଶ୍ରୀ ପାଙ୍ଗିଲିନାନ ଓଡିଶାକୁ ଭାରତର ସବୁଠାରୁ ଶ୍ରେଷ୍ଠ ରାଜ୍ୟ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ରାଜ୍ୟ ସଭାପତି ଶ୍ରୀ ନାୟକ ଓଡିଶା ସ୍କାଉଟ ଲାଗି ଗର୍ବାନ୍ୱିତ ଅନୁଭବ କରି ନିଜେ ଜଣେ ସ୍କାଉଟ ବୋଲି ଖୁସିବ୍ୟକ୍ତ କରିଥିଲେ। ଶେଷରେ ସମସ୍ତ ବିଦେଶୀ ଅଫିସରମାନଙ୍କୁ ଓଡିଶା ତରଫରୁ ଉପଢ୍ୌକନ ଏବଂ ସ୍ମୃତି ଫଳକ ପ୍ରଦାନ କରି ଧନ୍ୟବାଦ ଦେଇଥିଲେ। ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଯୋଗଦେଇଥିବା ଉକ୍ତ ପ୍ରତିନିଧି ମଣ୍ଡଳୀ ଏସିଆ ପ୍ୟାସିଫିକ୍ ଅଞ୍ଚଳର ସ୍କାଉଟସ୍ ଓ ଗାଇଡସ୍ ସଂସ୍ଥା ଯେଉଁସବୁ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି ସେ ସମ୍ବନ୍ଧରେ ଅବଗତ କରାଇଥିଲେ।

## ବ୍ରାହ୍ମଣୀ ଓ କେଲୁଅ ନଦୀରୁ ବେଧଡ଼କ ବାଲି ଲୁଟ୍



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ ଓ କେଲୁଅ ନଦୀରୁ ବେଆଇନ ଭାବେ ବେଧଡ଼କ ବାଲି ଲୁଟ୍ ହେଉଥିବା ଅଭିଯୋଗ ହୋଇଛି । ପ୍ରଶାସନର ନିଷ୍କ୍ରିୟତା ପାଇଁ ମାଫିଆମାନେ ଦିନ ଦ୍ୱିପ୍ରହରରେ ମେସିନ୍ ଲଗାଇ ହାଇୱା, ଟ୍ରକ୍ ଓ ଟ୍ରାକ୍ଟରରେ ହଜାର ହଜାର ଟ୍ରିପ୍ ବାଲି ଉଠାଇ ନେଉଛନ୍ତି । ଏଥିପାଇଁ ନଦୀ ତଟବର୍ତ୍ତୀ ଲୋକେ ବିଭିନ୍ନ ବିପଦର ସମ୍ମୁଖୀନ ହେଉଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ପରିମାଣର ରାଜସ୍ୱହାନୀ ହେଉଛି । ଯେଉଁ କେତେକ ବାଲିଘାଟକୁ ଲିଜ୍ ଦିଆଯାଇଛି ସେଠାରେ ମେସିନ୍ ବ୍ୟବହାର ପାଇଁ କୌଣସି ଅନୁମତି ଦିଆଯାଇନଥିବା ତହସିଲ୍ ପକ୍ଷରୁ ସୂଚନା ଦିଆଯାଇଛି । ଚୁକ୍ତି ମୁତାବକ କେବଳ ଶ୍ରମିକମାନେ ବାଲି ଉତୋଳନ ଓ ବୋଝେଇ କରିବା କଥା । ହେଲେ ଲିଜ୍‌ଧାରୀ ଗୋଟିଏ ବାଲିଘାଟରେ ଏକାଧିକ ମେସିନ୍ ବ୍ୟବହାର କରି ପ୍ରତ୍ୟହ ଶହ ଶହ ଟ୍ରିପ୍ ବାଲି ପରିବହନ କରୁଛନ୍ତି । ସେହିପରି ଲିଜ୍ ଦିଆଯାଇଥିବା ବାଲିଘାଟ ଅଞ୍ଚଳ ବାହାରୁ ଲିଜ୍‌ଧାରୀ ଚୁକ୍ତି ଠାରୁ ବହୁଗୁଣ ବାଲି ଖନନ ଓ ପରିବହନ କରୁଥିବା ଅଭିଯୋଗରେ ଦର୍ଶାଯାଇଛି । ଶାଗମାଛ ଦରରେ ବାଲିଘାଟ ନିଲାମ ନେବାପରେ କୋଟି କୋଟି ଟଙ୍କାର ବାଲି ବ୍ୟବସାୟ କରାଯାଉଛି । ଏହି ବେଆଇନ କାରବାରକୁ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ବିରୋଧ କରୁଥିଲେ ମଧ୍ୟ ଏଥିରେ ରୋକ୍ ଲଗାଇବା ସମ୍ଭବ ହେଉନାହିଁ । ପ୍ରଶାସନର ଗେହ୍ଲାପୁଅ ପାଲଟିଥିବା ତଥାକଥିତ ବାଲିମାଫିଆଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାହାର ହାତ ଯାଉନାହିଁ । ଫଳରେ ଧର୍ମଶାଳା ତହସିଲ ଅଞ୍ଚଳରେ ବାଲି କାରବାର ଏକ ଲାଭଦାୟକ ବ୍ୟବସାୟରେ ପରିଣତ ହୋଇଛି । ସୂଚନା ଅନୁଯାୟୀ, ବ୍ରାହ୍ମଣୀ ନଦୀର ରାଇଛନ୍ଦା, ବୃନ୍ଦାଦେଇପୁର, ଚଉଷଠିପଡ଼ା ଏବଂ କେଲୁଅ ନଦୀର ଉତରପ୍ରତାପ, ମିର୍ଜାପୁର ସାମିଲ୍ ବାସୁଦେବପୁର, କଦମପାଳ ଆଦି ସ୍ଥାନରେ ବାଲିଘାଟ ନିଲାମ ଦିଆଯାଇଛି । ଏସବୁ ସ୍ଥାନରେ ଶ୍ରମିକମାନଙ୍କ ବଦଳରେ ମେସିନ୍ ବାଲି ଉତୋଳନ କରୁଥିବା ଅଭିଯୋଗ ହୋଇଛି । ସେହିପରି ବ୍ରାହ୍ମଣୀ ନଦୀର ରସୁଲପୁର ତହସିଲ ଅଞ୍ଚଳରୁ ବହୁ ପରିମାଣର ବାଲି ଧର୍ମଶାଳା ଅଞ୍ଚଳକୁ ଚୋରା ଚାଲାଣ କରାଯାଉଛି । କେଲୁଅ ନଦୀର ଅରାବଳ, ମୋହନପୁର, ଅରେଇକଣା, ଭଗବାନପୁର, କାଏମା ଏବଂ ବ୍ରାହ୍ମଣୀ ନଦୀର ଭୁବନ, ରଘୁନାଥପୁର ଶାସନ ଅପରପାର୍ଶ୍ୱ ଘାଟ ଆଦି ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଚୋରା ଚାଲାଣ କରାଯାଉଥିବା ଦେଖିବାକୁ ମିଳିଛି । ବର୍ଷାଜଳ ପ୍ରବାହିତ ହେବା ପୂର୍ବରୁ ଏବେ ବିଭିନ୍ନ ନଦୀ ନାଳରୁ ବିପୁଳ ବାଲି ଉତୋଳନ କରାଯାଇ ଗଛିତ ରଖାଯାଉଛି । ପରେ ଏହାକୁ ଚଢ଼ା ଦରରେ ବିକ୍ରି କରି ବେଶ୍ ମୁନାଫା ହାତେଇବ ମାଫିଆ । ଏ ସଂପର୍କରେ ବାରମ୍ବାର ଅଭିଯୋଗ ହେଲେ ତହସିଲ ପକ୍ଷରୁ କେତେ ବେଳେ କେମିତି ଚଢ଼ଉ କରାଯାଇ କେତେକ ଗାଡି ଜବତ କରାଯିବା ସହିତ କିଛି ଟଙ୍କା ଜରିମାନା ଆଦାୟ କରି ଛାଡି ଦିଆଯାଉଛି । ହେଲେ ବେଆଇନ ବାଲିଘାଟ ଚଲାଉଥିବା ମାଫିଆ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଦିନ କେଇଟା ପରେ ପୁଣି ସେଠାରେ ପୂର୍ବଭଳି ବାଲି ଚୋରା ଚାଲାଣ ଆରମ୍ଭ ହୋଇଯାଉଛି । ବାଲି ଚୋରା କାରବାର ରୋକିବା ଦିଗରେ ରାଜସ୍ୱ ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଶ୍ରୀଜଗନ୍ନାଥଙ୍କର ସୁନାବେଶରେ ଶ୍ରଦ୍ଧାଳୁଙ୍କ ଭିଡ଼



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣା ବାଲଗୋପାଲପୁର ଇମାମୀ ନଗରସ୍ଥ ଶ୍ରୀଜଗନ୍ନାଥଙ୍କର ୧୦ ତାରିଖ ପ୍ରାତଃରୁ ସମସ୍ତ ରୀତିନୀତି ପୂଜାର୍ଚ୍ଚନା ସମାପନ ପରେ ଘ. ୮.୩୦ମି. ସମୟରେ ଶ୍ରୀଜୀଉମାନେ ସୁସଜ୍ଜିତ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିବା ଜଣାପଡ଼ିଛି। ଅନୁରୂପ ଭାବେ ପବିତ୍ର ବାହୁଡ଼ା ଏକାଦଶୀରେ ମନ୍ଦିର ମଧ୍ୟରେ ଶ୍ରୀ ଗଣେଶଜୀ ମହାରାଜ, ଶ୍ରୀ ହନୁମାନଜୀ ମହାରାଜ, ମାତା ଗଜଲକ୍ଷ୍ମୀ, ଶ୍ରୀ କାଶୀ ବିଶ୍ୱନାଥଜୀ, ମହାରାଜ ଓ ମାତା ବିମଳା ମଧ୍ୟ ସ୍ୱତନ୍ତ୍ର ଭାବେ ସ୍ୱର୍ଣ୍ଣାଲଙ୍କାରରେ ସୁସଜ୍ଜିତ ହୋଇ ସୁନାବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିବାବେଳେ ମନ୍ଦିର ବେଢ଼ା ହଜାର ହଜାର ଭକ୍ତଙ୍କ ମଧ୍ୟରେ ବେଶ୍ ଉତ୍ସବମୁଖର ହୋଇଉଠିଥିବା ଜଣା ପଡ଼ିଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ପୂଜକ ଶ୍ରୀ ପ୍ରଦୀପ୍ତ କୁମାର ମିଶ୍ର ତଥା ମନ୍ଦିର ପ୍ରଶାସନିକ ଅଧିକାରୀ ଶ୍ରୀ ନିଖିଳ ରଞ୍ଜନ ଦାସ ସାମନ୍ତରାୟ ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିଥିବା ବେଳେ ମନ୍ଦିର ବେଢ଼ାରେ ଆଲୋକସଜ୍ଜା ଓ ପୁଷ୍ପସଜ୍ଜା ଭକ୍ତମାନଙ୍କ ମନରେ ବେଶ୍ ଭାବବିହ୍ୱଳ ଆବେଗପୂର୍ଣ୍ଣ ଜଗନ୍ନାଥମୟ ଉଦ୍ଦୀପନା ସୃଷ୍ଟି କରିଥିଲା। ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ମନ୍ଦିର ପ୍ରଶାସନର ମୁଖ୍ୟ ପୁରଧା ଶ୍ରୀ ସୁଶୀଲ କୁମାର ଗୋୟେଙ୍କା ତଥା ସ୍ଥାନୀୟ କାଗଜକଳର ସଭାପତି ଶ୍ରୀ ଆଶିଷ ଅବିନାଶ ଗୁପ୍ତା, ମନ୍ଦିର ପ୍ରଶାସନ ଏବଂ ସ୍ଥାନୀୟ ଇମାମୀ କାଗଜକଳର ବହୁ ପଦାଧିକାରୀ କର୍ମକର୍ତ୍ତା ତଥା ଇମାମୀ କଲୋନୀ ସ୍ଥିତ ଲେଡିଜ୍ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ଉପରୋକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରଥଯାତ୍ରା ଉତ୍ସବ ସୁଚାରୁରୂପେ ସମାପନ ହୋଇଥିବାରୁ ସମସ୍ତ କର୍ମକର୍ତ୍ତା ସ୍ଥାନୀୟ ବୁଦ୍ଧିଜିବୀ, ପୁଲିସ ପ୍ରଶାସନ, ସ୍ୱାସ୍ଥ୍ୟ ଅଧିକାରୀ, ଅଗ୍ନିସେବା ସଂସ୍ଥାନ, ସତ୍ୟସାଇ ସେବା ସଂଗଠନ, ଇମାମୀ ଲେଡିଜ୍ କ୍ଲବର ସଦସ୍ୟାଗଣ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ତଥା ବିଭିନ୍ନ ସଂଗଠନ ତରଫରୁ ସହଯୋଗ କରିଥିବା ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀ ମନାଜ କୁମାର ପାଢ଼ୀ ଏକ ପ୍ରେସ୍ ବିବୃତ୍ତିରେ କୃତଜ୍ଞତା ଜ୍ଞାପନ କରିଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ନିଖିଳ ଉତ୍କଳ ବାରିକ ସମିତିର କର୍ମକର୍ତ୍ତା ଚୟନ

ଖୋର୍ଦ୍ଧା (ପିଏନ)- ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ମିନି ଷ୍ଟାଡିୟମ ପରିସରରେ ନିଖିଳ ଉତ୍କଳ ବାରିକ ସମିତି ପକ୍ଷରୁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିନେଇ ଆୟୋଜିତ ବୈଠକରେ କବି ବଂଶୀଧର ଭୋଇ ମୁଖ୍ୟ ଅତିଥି, ରାଜ୍ୟ ସାଧାରଣ ସମ୍ପାଦକ ମାୟାଧର ବାରିକ, ଖୋର୍ଦ୍ଧା ଜିଲ୍ଲା ଉପସଭାପତି ରାଜକିଶୋର ବାରିକ ଓ ସମ୍ପାଦକ ରଞ୍ଜନ କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାରିକ ସମାଜର ଉନ୍ନତି ସହ କିଭଳି ଆଗାମୀ ଦିନରେ ସଙ୍ଗଠନକୁ ମଜଭୁତ କରାଯାଇପାରିବ ଏବଂ ନୂତନ ଭାବରେ କର୍ମକର୍ତ୍ତା ଚୟନ କରାଯିବା ପାଇଁ ସ୍ଥିର ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରସନ୍ନ କୁମାର ବାରିକ, ଉପସଭାପତି ପ୍ରଦୀପ କୁମାର ବାରିକ, ସମ୍ପାଦକ ରଞ୍ଜନ କୁମାର ବାରିକ, ସହ ସମ୍ପାଦକ ଅଭିମନ୍ୟୁ ବାରିକ, କୋଷାଧ୍ୟକ୍ଷ ଧ୍ୱଜ ବାରିକ, ଉପଦେଷ୍ଟା ନକୁଳ ବାରିକ, ଜଗନ୍ନାଥ ବାରିକ, ରାଜ ବାରିକ, ବନବିହାରୀ ବାରିକ, ସତ୍ୟ ବାରିକ, ବୋଲଗଡ ବ୍ଲକ ସଭାପତି ଅଭିମନ୍ୟୁ ବାରିକ, ସମ୍ପାଦକ ପ୍ରଫୁଲ ବାରିକ, ବେଗୁନିଆ ବ୍ଲକ ସଭାପତି ରବୀନ୍ଦ୍ର ବାରିକ ଓ ସମ୍ପାଦକ ତ୍ରିଲୋଚନ ବାରିକ ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ଚୟନ ହୋଇଥିଲେ।

## ଧର୍ମପ୍ରାଣା ମହିଳାଙ୍କ ଅକାଳ ବିୟୋଗ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ଗ୍ରାମର ଧର୍ମପରାୟଣା ମହିଳା କଳ୍ପନା ରାୟ (୫୫)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ଘରେ ଥିବା ବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ । ପରିବାର ଲୋକେ ତୁରନ୍ତ ଡାକ୍ତରଙ୍କୁ ଆଣି ତାଙ୍କ ଚିକିତ୍ସା କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ହରପ୍ରସାଦ ରାୟ, ପୁଅବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଏକ ପଟୁଆରରେ ତାଙ୍କର ମରିଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କ ପୁତ୍ର ତାରାପ୍ରସାଦ ରାୟ ମୁଖାଗ୍ନି ଦେଇଥିଲେ ।

## ସୁରେନ୍ଦ୍ର ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି



ଫୁଲନଖରା (ପିଏନ୍)-ଜୟପୁର ଗ୍ରାମ ମୁରବି ତଥା ପାହାଳ ପଞ୍ଚାୟତର ଦୁଇଥର ସରପଞ୍ଚଭାବେ ନିର୍ବାଚିତ ହୋଇଥିବା ବରିଷ୍ଠ ସମାଜସେବୀ ସୁରେନ୍ଦ୍ରକୁମାର ରାଉତରାୟଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସହଯୋଗ ଓଡ଼ିଶା ତରଫରୁ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଗଣେଶପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ, ବିଏମସି ୪ନମ୍ବର ୱାର୍ଡ଼ କର୍ପୋରେଟର ସୁକୁମାର ସାହୁ, ପୂର୍ବତନ ସରପଞ୍ଚ ବଂଶୀଧର ଭୋଳ, ଶ୍ରୀ ସନ୍ନ୍ୟାସୀ ଜୀ, ସୁରେନ୍ଦ୍ରନାଥ ଛୋଟରାୟ, ପୂର୍ବତନ ସରପଞ୍ଚ ନଳିନୀକୁମାର ସ୍ୱାଇଁ, ଲକ୍ଷେଶ୍ୱର ମନ୍ଦିର ସଭାପତି ଅନନ୍ତଚରଣ ବରାଳ, ସାମ୍ବାଦିକ ଲଳିତକୁମାର ଦାଶ, ଲକ୍ଷ୍ମୀଧର ବେହେରା, ଯୁଧିଷ୍ଠିର ପରିଜା, କିଶୋର ଜେନା, ପ୍ରଣତି ମିଶ୍ର, କେଦାର ଜେନା, ବ୍ରହ୍ମାନନ୍ଦ ସାହୁ, ସ୍ୱାକ୍ଷରରଂଜନ ମହାନ୍ତି, ଅକ୍ଷୟ ଲେଙ୍କା, ପଦ୍ମନାଭ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ତାଙ୍କ ସାମାଜିକ ସେବା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। କ୍ଷୀରୋଦ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରକାରୀ ଜମି ନଦେବାକୁ ତହସିଲଦାରଙ୍କୁ ଫେରାଦ

ଫୁଲନଖରା (ପିଏନ୍)-ବାଲିଅନ୍ତା ତହସିଲ ତଥା ପାହାଳ ଥାନା ଅନ୍ତର୍ଗତ ଭୀମପୁର ମୌଜାରେ ଥିବା କିଛି ସରକାରୀ ଜମି ହଡ଼ପ କରିବାକୁ କେତେକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଚକ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି। ଅନ୍ୟ ଜିଲାର ଏହି ସ୍ୱଚ୍ଛଳ ବର୍ଗର ବ୍ୟକ୍ତିମାନେ ଏଠାରେ ଦାମୀ ଘରେ ଭଡ଼ାରେ ରହି ବୃହତ୍ କମ୍ପାନୀମାନଙ୍କରେ ମୋଟା ଅଙ୍କର ଦରମାରେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପୈତୃକ ଗ୍ରାମରେ ଜମିବାଡ଼ି ଓ ସମ୍ପତ୍ତି ଥିଲାବେଳେ ଏଠାକୁ ଆସି ନିଜକୁ ଭୂମିହୀନ ବୋଲି ଦର୍ଶାଇ ସରକାରୀ ଜମି ଅକ୍ତିଆର କରିବାକୁ ମସୁଧା ଚଳାଇଛନ୍ତି। ଉକ୍ତ ମୌଜାରେ ଯାହା କିଛି ସରକାରୀ ଜମି ରହିଛି ତାହା ଖେଳ ପଡ଼ିଆ, ରାସ୍ତା ଓ ଯାନିଯାତ୍ରା ତଥା ମେଳା ମହୋତ୍ସବ ଉଦ୍ଦେଶ୍ୟରେ ଦୀର୍ଘ ବର୍ଷ ଧରି ବ୍ୟବହାର ହୋଇ ଆସୁଛି। ମାତ୍ର ବହିରାଗତ କେତେକ ଲୋଭାର୍ଥୀ ଏହି ସରକାରୀ ଜମିକୁ ଚଞ୍ଚକତା ପୂର୍ବକ ନିଜ ନାମରେ କରାଇନେବାକୁ ସୁଚିନ୍ତିତ ଷଡ଼ଯନ୍ତ୍ର ଚଳାଇଥିବା ଅଭିଯୋଗ ହୋଇଛି। ଏହା ଜଣାପଡ଼ିବା ପରେ ପୂର୍ବତନ ସରପଞ୍ଚ ବଂଶୀଧର ଭୋଳ, ଅଜୟକୁମାର ଦାଶ, ପ୍ରେମାନନ୍ଦ ଦାଶ, ରାମଚନ୍ଦ୍ର ଦାଶ, ନିତ୍ୟାନନ୍ଦ ସାମଲ, ଝରେନ୍ଦ୍ର ଦାଶ, ରାଜକିଶୋର ସାମଲ, ବଂଶୀଧର ସାମଲ ପ୍ରମୁଖ ଏହାକୁ ବିରୋଧ କରିବା ସହିତ ଏହି ମୂଲ୍ୟବାନ ସରକାରୀ ସମ୍ପତ୍ତିକୁ ସଂରକ୍ଷିତ ରଖିବା ସକାଶେ ବାଲିଅନ୍ତା ତହସିଲଦାର, ସ୍ଥାନୀୟ ଆରଆଇ, ଖୋର୍ଦ୍ଧା ଜିଲାପାଳ, ବିଡ଼ିଓ ଏବଂ ଉପଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯବେକ୍ଷକ

Bhubaneswar Friday May 05, 2023 ଭୁବନେଶ୍ୱର ଶୁକ୍ରବାର, ମଇ ୦୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କଇନିପୁରା ସ୍କୁଲରେ ଅବକାଶ କାଳୀନ ଶୁଭ କାର୍ଯ୍ୟ ବ୍ଣ୍ଟନ



ଘଷିପୁରା,(ପି.ଏନ):ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଗ୍ରୀଷ୍ମ ଅବକାଶ କାଳୀନ ଶୁଭ କାର୍ଯ୍ୟ ବ୍ଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଥିବାବେଳେ ଘଷିପୁରା ବ୍ଲକ ବଳରାମପୁର ଗ୍ରାମ ପଂଚାୟତ କଇନିପୁରା ଉ.ପ୍ରା. ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଗ୍ରୀଷ୍ମ କାଳୀନ ଅବକାଶ ଶୁଭ କାର୍ଯ୍ୟର ପ୍ରଶ୍ନପତ୍ର ବ୍ଣ୍ଟନ କରାଯାଇଥିଲା । ପ୍ରଧାନଶିକ୍ଷୟତ୍ରୀ ସବିତା ଦେବୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସିଆରସିସି ଅଶୋକ କୁମାର ବାରିକ ଏବଂ ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ ଯୋଗ ଦେଇ ଅବକାଶ କାଳୀନନ ଶୁଭ କାର୍ଯ୍ୟର ଉଦ୍ଦେଶ୍ୟ ସମ୍ବନ୍ଧରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ତତ୍ସହିତ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ହେଲ୍ପ ଡେସ୍କ ନମ୍ବର ୧୮୦୦୩୪୫ ୮୨୫୨ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କର ମୋବାଇଲ୍ ନମ୍ବର ଛାତ୍ରଛାତ୍ରୀ ମାନଙ୍କୁ ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ମନୋରମା ନାୟକ, କଲ୍ୟାଣୀ ପୃଷ୍ଟି, ବିଦ୍ୟାଳୟ କମିଟିର ସଭାପତି ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବେଲବନ୍ଧ ଠାରେ ବିଜେପିର ମିଶ୍ରଣ ପର୍ବ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଂରା ପଂଚାୟତର ବେଲବନ୍ଧ ଠାରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ଓ ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀଙ୍କ ନେତୃତ୍ୱ ଉପରେ ଭରସା କରି ଏହି ମିଶ୍ରଣ ପର୍ବରେ ୧୫୦ଜଣ ବିଜେପିରେ ସାମିଲ ହୋଇଥିଲେ । ମଣ୍ଡଳ ସଭାପତି ଶଶିକାନ୍ତ ରାଉତ, ବରିଷ୍ଠ ନେତା ଅଭିମନ୍ୟୁ ପରିଡା, ଶକ୍ତିକେନ୍ଦ୍ର ପ୍ରମୁଖ ଅବିନାଶ ଜେନା, ସୟ ସାହୁ, ନିତ୍ୟାନନ୍ଦ ଶା, ଚନ୍ଦ୍ରମଣି ମାଝୀ, ନେପାଳି ଜେନାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀ, ନମାମି ଗଙ୍ଗେ ରାଜ୍ୟ ସଭାପତି ମହେଶ୍ୱର ସାହୁ, ଆନନ୍ଦପୁର ପ୍ରଭାରୀ ହରିହର ମହାନ୍ତ, ରାମଚନ୍ଦ୍ର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରନ ସାମନ୍ତ ସିଂହାର, ହରମୋହନ ଶାସିନୀ ପ୍ରମୁଖ ନବାଗତ ମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିବା ସହ ବିଜେଡି ଶାସନରେ ଏ ପଂଚାୟତର ଗରିବ ଲୋକମାନଙ୍କର ଦୁର୍ଦ୍ଦଶା, ପଂଚାୟତର ଉନ୍ନତି ମୂଳକ କାର୍ଯ୍ୟକ୍ରମର ଅଚଳାବସ୍ଥା ନେଇ ରାଜ୍ୟ ସରକାରଙ୍କ ସମେତ ସ୍ଥାନୀୟ ପ୍ରଶାସନ ଉପରେ ବିଷଦଗାର କରିଥିଲେ।

# ଅଗରିଆ ସମାଜ ପାଇଁ ମୁଖ୍ୟମନ୍ତ୍ରୀଙ୍କର ନିଦ ଏତେ ଡେରିରେ ଭାଙ୍ଗିଲା କାହିଁକି: ଶରତ ପଟ୍ଟନାୟକ



ଭୁବନେଶ୍ୱର ,(ପି.ଏନ): ଅଗରିଆ ସମାଜ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଗୋଷ୍ଠି । ଏହି ସମାଜର ଲୋକମାନେ ମୁଖ୍ୟତଃ ବରଗଡ଼, ସମ୍ବଲପୁର, ଝାରସୁଗୁଡ୍ା, ସୁନ୍ଦରଗଡ଼, ବଲାଙ୍ଗୀର ଓ ଦେବଗଡ଼ ଆଦି ଜିଲ୍ଲାରେ ବସବାସ କରିଥାନ୍ତି । ଏହି ସମାଜର ଲୋକମାନେ ଭୁବନେଶ୍ୱର ଓ କଟକକୁ ବହୁ ଗୁରୁତ୍ୱପୂର୍ଣ୍ଣ କାମରେ ପ୍ରତିଦିନ ଯିବାଆସିବା କରନ୍ତି । ଭୁବନେଶ୍ୱର ସହରରେ ତାଙ୍କ ପାଇଁ ଏକ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦୀର୍ଘଦିନ ଧରି ଜଣାଇ ଆସୁଛନ୍ତି ଏବଂ ଦାବିପତ୍ର ମଧ୍ୟ ବାରମ୍ବାର ପ୍ରଦାନ କରିଛନ୍ତି କିନ୍ତୁ ମୁଖ୍ୟମନ୍ତ୍ରୀ ଏ ଦୀର୍ଘଦିନର ଦାବି ପ୍ରତି ସାମାନ୍ୟ କର୍ଣ୍ଣପାତ ମଧ୍ୟ କରିନଥିଲେ । କିନ୍ତୁ ଝାରସୁଗୁଡ଼ା ଉପନିର୍ବାଚନରେ ଏହି ସମାଜର ଭୋଟକୁ ହାତେଇବା ପାଇଁ ଚାଲାକି କରି ଭୁବନେଶ୍ୱର ସହରରେ ଅଧଏକର ଜମି ଓ ତିନିକୋଟି ଟଙ୍କା ଘୋଷଣା କରିଛନ୍ତି । ଏହ ଘୋଷଣା କେବଳ ରାଜନେତକ ଫାଇଦା ନେବାପାଇଁ ନା ପ୍ରକୃତରେ ଏହା କାର୍ଯ୍ୟକାରୀ ହେବ ? ଯଦି ମୁଖ୍ୟମନ୍ତ୍ରୀଙ୍କର ଏହି ଗୋଷ୍ଠିଙ୍କ ପ୍ରତି ଆନ୍ତରିକତା ଥାନ୍ତା ତାହେଲେ ଏହି ଦାବି ଦୀର୍ଘଦିନ ଧରି ପୂରଣ ନହେବାର କାରଣ କ'ଣ ? ଏହାର ଉତର ମୁଖ୍ୟମନ୍ତ୍ରୀ ଦେବେକି ? ସାମଗ୍ରିକ ଭାବରେ ଝାରସୁଗୁଡ଼ା ଜିଲ୍ଲା ଏକ ଶିଳ୍ପ ବହୁଳ ଜିଲ୍ଲା । ଏହି ଜିଲ୍ଲା ରାଜ୍ୟ ରାଜକୋଷକୁ ହଜାର ହଜାର କୋଟି ଟଙ୍କା ଦେଉଥିବା ବେଳେ ଏ ଜିଲ୍ଲାରେ ଲକ୍ଷ ଲକ୍ଷ ଲୋକଙ୍କୁ ଟିକିଏ ସ୍ୱଚ୍ଛ ପିଇବାପାଣି ମିଳିଲା ନାହିଁ ? ପ୍ରାଥମିକ ଶ୍ରେଣୀଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ସବୁ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଶହ ଶହ ପଦବୀ ବର୍ଷ ବର୍ଷ ଧରି ଫାଙ୍କା ପଡ଼ିରହୁଛି । ଏ ଜିଲ୍ଲାର ଶିକ୍ଷିତ ଯୁବକମାନଙ୍କୁ ଏ ଜିଲ୍ଲାରେ ଥିବା ଶିଳ୍ପାଂଚଳ ମାନଙ୍କରେ କାହିଁକି ନିଯୁକ୍ତି ମିଳୁନାହିଁ ? ଚାଷୀ ଆଜି ହନ୍ତସନ୍ତ ତାଙ୍କର ହକ୍ ପ୍ରାପ୍ୟ ତାଙ୍କୁ ମିଳୁନାହିଁ । ଏ ଅଂଚଳରେ ଯେତେ କୃଷିଭିତିକ ଶିଳ୍ପ କରାଯାଇଥିଲା ସବୁ ବନ୍ଦ । ୨୩ ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ଦୟାକରି ୪ଟି କୃଷିଭିତିକ ଶିଳ୍ପର ନା କହିବେ କି ? କୃଷକମାନଙ୍କର କ୍ଷୟକ୍ଷତିକୁ ଏପର୍ଯ୍ୟନ୍ତ ଇନ୍ସୁରାନ୍ସ କମ୍ପାନୀ ଭରଣ କଲାନାହିଁ । ଏ ସମସ୍ତ ଇନସୁରାନ୍ସ କମ୍ପାନୀକୁ ରାଜ୍ୟ ସରକାର ବାଛିଛନ୍ତି । ଚାଷୀଙ୍କୁ ବୋନସ ଦେବା କଥା କୁହାଯାଇଥିଲା ଏପର୍ଯ୍ୟନ୍ତ ବୋନସ ଦିଆଯାଉ ନାହିଁ । କଂଗ୍ରେସ ସରକାର ସମୟରେ ଏ ଅଂଚଳରେ ଯେତେ ଶୀତଳ ଭଣ୍ଡାର କରାଯାଇଥିଲା ସବୁ ବନ୍ଦ ହୋଇଗଲା ନବୀନ ବାବୁଙ୍କ ସରକାର ସମୟରେ କିନ୍ତୁ ଗୋଟିଏ ବୋଲି ନୂଆ ଶୀତଳ ଭଣ୍ଡାର ୨୩ ବର୍ଷରେ କରିନାହାନ୍ତି । ଏ ସକାର ବିକାଶ କଥା କହୁଛନ୍ତି । ଯଦି ରାଜ୍ୟରେ କୃଷକର ଆୟ ବୃଦ୍ଧି ଘଟୁ ନାହିଁ, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳୁନାହିଁ, ସ୍ୱାସ୍ଥ୍ୟ ସେବା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ୁଛି, ୭୨ ଭାଗ ମହିଳା ଯଦି ରକ୍ତହୀନତା ଓ ଅପପୁଷ୍ଟିରେ ଶୀକାର ହେଉଛନ୍ତି, ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଖରାପ ଏପରିକି ନିଜ କ୍ୟାବିନେଟ ମନ୍ତ୍ରୀଙ୍କୁ ଦିନ ଦ୍ୱିପ୍ରହରେ ପୋଲିସ ଗୁଳିକରି ମାରୁଛି ଏହାପରେ ଯଦି ମୁଖ୍ୟମନ୍ତ୍ରୀ ଦାବୀ କରୁଛନ୍ତି ବିକାଶ ହୋଇଛି ବୋଲି ତାହାହେଲ ବିକାଶର ପରିଭାଷା ଓ ସଂଜ୍ଞାକଣ ମୁଖ୍ୟମନ୍ତ୍ରୀ ବୁଝିନାହାନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ପ୍ରେସ ବିବୃତିରେ ଜଣାଇଛନ୍ତି ।

# ମାନସିକ ରୋଗରେ ପୀଡିତା ଅସହାୟ ମହିଳାମାନଙ୍କ ପାଇଁ ଆଶ୍ରୟ ସ୍ଥଳି

ମାଲକାନଗିରି ଓଡା,(ପି.ଏନ): ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ ମିଶନ ଆଶ୍ରା ମାଧ୍ୟମରେ ମାନସିକ ରୋଗରେ ପୀଡିତ ଅସହାୟ ମହିଳା ମାନଙ୍କ ପାଇଁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଏକ ଆଶ୍ରୟ ସ୍ଥଳୀ ଏବଂ ଥଇଥାନ କେନ୍ଦ୍ର ଉଦଘାଟନ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦଘାଟନୀ ସମାରୋହରେ ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ଓ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ଏହି କେନ୍ଦ୍ରକୁ ଉଦଘାଟନ କରିଛନ୍ତି । ଉଦଘାଟନୀ ସମାରୋହରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ, ଉପଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ପ୍ରଫୁଲ୍ଲ ନନ୍ଦ, ସୁପରିଟେଣ୍ଡେଣ୍ଟ , ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡ଼ା ଅନିଲ ମିଶ୍ର, ଏଡିଏମଓ, ଡ଼ା ସଂଧାରାଣୀ ପଟ୍ଟନାୟକ, ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାଶ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂ କହିଛନ୍ତି ଯେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ୧୦୦ ଶଯ୍ୟା ବିଶିଷ୍ଟ ଥଇଥାନ କେନ୍ଦ୍ର ନିମନ୍ତେ ଅନୁମୋଦନ କରିଛନ୍ତି । ଆଗାମୀ ଦିନରେ ମାନସିକ ରୋଗରେ ପୀଡିତ ଅସହାୟ ପୁରୁଷମାନଙ୍କ ପାଇଁ ମଧ୍ୟ ଆଉ ଏକ ୱାର୍ଡ କାର୍ଯ୍ୟ କରିବ ବୋଲି ସୂଚନା ଦେଇଛନ୍ତି । ସେହିପରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ ରାବା ଏହି କେନ୍ଦ୍ର ନିମନ୍ତେ ଆବଶ୍ୟକ ହେଉଥିବା ଆମ୍ବୁଲାନ୍ସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ମାଲକାନଗିରି ବିଧାୟକ ଶ୍ରୀମାଢି ଏହି କେନ୍ଦ୍ର ଉଦଘାଟନରେ ନିଜର ଖୁସି ବ୍ୟକ୍ତ କରି କହିଥିଲେ ଯେ ଏହା ମାନସିକ ରୋଗରେ ପୀଡିତା ଅସହାୟ ମହିଳାମାନଙ୍କ ନିମନ୍ତେ ବହୁତ ସହାୟକ ହେବ ଏବଂ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ । ଉପଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ ଏହି କେନ୍ଦ୍ର ସୁଚାରୁ ରୂପେ ପରିଚାଳିତ ହେବା ପାଇଁ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ରହିବ । ଏହି କେନ୍ଦ୍ରକୁ ପିପୁଲ୍ସ ଫୋରମ୍ ସଂସ୍ଥା ପରିଚାଳନା କରିବ। ଆଜିର କାର୍ଯ୍ୟକ୍ରମ ରେ ପିପୁଲ୍ସ ଫୋରମର ନିର୍ଦ୍ଦେଶକ ଆଶୋକ କୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ସସ୍ମିତା ସ୍ୱାଇଁ ଏହି କେନ୍ଦ୍ର ସ୍ଥାପନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ମାନସିକ ବିକାରଗ୍ରସ୍ତ, ସ୍ୱପରାଣୟାତା, ମସ୍ତିଷ୍କ ପକ୍ଷାଘାତ ଓ ମାନସିକ ଅସୁସ୍ଥତା ଭଳି ଚାରିଟି ଶ୍ରେଣୀର ମାନସିକ ଅସୁସ୍ଥ ମହିଳାମାନଙ୍କ ନିମନ୍ତେ ଏହି ଥଇଥାନ କେନ୍ଦ୍ର ଉଦ୍ଦିଷ୍ଟ । ଏହି ମହିଳାମାନଙ୍କୁ ସେମାନଙ୍କର ଖାଦ୍ୟ ପାନୀୟ , ରହଣି ବ୍ୟବସ୍ଥା ସହ ଉପଯୁକ୍ତ ଚିକିତ୍ସା ଓ ଧନ୍ଦାମୂଳକ ତାଲିମ ଦିଆଯିବ । ଯାହାଦ୍ୱାରା ସେହି ମହିଳା ମାନେ ପରବର୍ତ୍ତୀ ମୁହୂର୍ତ୍ତରେ ଆତ୍ମନିର୍ଭରଶୀଳ ହେବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ । ସେହିପରି ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଞ୍ଜୟ ଜେଠି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜୀବ ପୂଜାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କର୍ମଚାରୀ ଓ ପିପୁଲ୍ସ ଫୋରମର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ପାରାଦୀପ ବନ୍ଦର ଓ ଏନ୍‌ଡିଆରଏଫ୍ ମିଳିତ ମକ୍ ଡ୍ରିଲ୍





ପାରାଦୀପ,(ପି.ଏନ):ପାରାଦୀପ ବନ୍ଦର ଓ କଟକ ଜିଲ୍ଲା ମୁଣ୍ଡଳିଠାରେ ଥିବା ଏନ୍‌ଡିଆରଏଫ୍ ତୃତୀୟ ବାଟାଲିୟାନ୍ ମିଳିତ ମକ୍ ଡ୍ରିଲ୍ ବୁଧବାର ଦିନ ପାରାଦୀପ ବନ୍ଦର ମୁଖ୍ୟ ଫାୟାର ଷ୍ଟେସନ ପରିସରରେ ଆୟୋଜିତ ହୋଇଥିଲା । ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ କିପରି ଉଦ୍ଧାର କାର୍ଯ୍ୟ କରାଯିବା ସେ ନେଇ ଏକ ନମୁନା ପ୍ରଦର୍ଶିତ ହୋଇଥିଲା । ଏଥି ସହିତ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ, ଆମୋନିୟମ ନାଇଟ୍ରେଟ୍ ଫାୟାର ଫାଇଟିଙ୍ଗ, ରୋପ୍ ରେସକ୍ୟୁ ପରିଚାଳନା ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା । ପାରାଦୀପ ବନ୍ଦରର ସହଯୋଗିମାନେ ଏହି ମିଳିତ ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ପାରାଦୀପ ବନ୍ଦର ସଚୀବ ଡ. ପି.ଏନ୍.ବାହେକରଙ୍କ ସମେତ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ସମେତ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇ ଏହି ମକ୍ ଡ୍ରିଲ୍‌କୁ ଦେଖିଥିଲେ । ପୂର୍ବ ସଂଧ୍ୟାରେ ବନ୍ଦର ପ୍ରଶାସନିକ ଭବନରେ ଏନ୍‌ଡିଆରଏଫ୍‌ର କମାଣ୍ଡ୍ର ବର୍ଦ୍ଧମାନ ମିଶ୍ର ବନ୍ଦର ବ୍ୟବହାରକାରୀମାନଙ୍କୁ ଉଦ୍ଧାର ଓ ଥଇଥାନ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ବନ୍ଦର ସଚୀବ ଡ. ବାହେକର ଏନ୍‌ଡିଆରଏଫ୍ ଟିମ୍‌କୁ ସେମାନଙ୍କ ନିଷ୍ଠାପର ସେବା ପାଇଁ ସାଧୁବାଦ ଜଣାଇଥିଲେ । ସିଆଇଏସଏଫ କମାଣ୍ଡ୍ର ଅକ୍ଷତ ପଟେଲ ରୋପ୍ ରେସକ୍ୟୁ, ରାସାୟନିକ ବିପତ୍ତି ପରିଚାଳନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଡେପୁଟି କମାଣ୍ଡ୍ର ବିଷ୍ଣୁ ସ୍ୱରୂପ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କମ୍ପାନୀ କମାଣ୍ଡର ଭାସ୍କର ଦାସ ।

# ଦି ହାବିଟାଟ୍‌ସ ଟ୍ରଷ୍ଟ ପକ୍ଷରୁ ଏହାର ବାର୍ଷିକ ଟିଏଚ୍‌ଟି ଅନୁଦାନ ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,(ପି.ଏନ): ଭାରତର ପ୍ରାକୃତିକ ବାସସ୍ଥାନ ଏବଂ ସେଠାରେ ବାସ କରୁଥିବା ପ୍ରଜାତିଗୁଡିକର ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ଏକ ଅଣଲାଭକାରୀ ସଂସ୍ଥା ଦ ହାବିଟାଟ୍‌ସ ଟ୍ରଷ୍ଟ ଏହାର ବାର୍ଷିକ ହାବିଟାଟ୍‌ସ ଟ୍ରଷ୍ଟ ଗ୍ରାଂଟ୍‌ସ ୨୦୨୩ ପାଇଁ ଆବେଦନ ଆହ୍ୱାନ କରିଛି । ଆବେଦନ ଦାଖଲ କରିବା ପାଇଁ https://www.thehabitatstrust.org ରୁ ଆକ୍‌ସେସ କରାଯାଇପାରିବ ଏବଂ ଏହା ୫ ଜୁନ୍ ୨୦୨୩ ପର୍ଯ୍ୟନ୍ତ ଖୋଲା ରହିବ । ଭାରତର ବିଲୁପ୍ତ ହୋଇ ଯାଉଥିବା ବନ୍ୟଜନ୍ତୁ ଓ ପ୍ରାକୃତିକ ବାସସ୍ଥାନଗୁଡିକର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା ସଂଗଠନ ଓ ବ୍ୟକ୍ତିମାନଙ୍କୁ ସମର୍ଥନ କରି ସଂରକ୍ଷଣ ପ୍ରୟାସଗୁଡିକୁ ପ୍ରୋତ୍ସାହିତ କରିବା ଲାଗି ଏହି ଅନୁଦାନ ଆରମ୍ଭ କରାଯାଇଥିଲା । ଭାରତବ୍ୟାପୀ ସଂରକ୍ଷଣବାଦୀଙ୍କ ସହ ଯୋଡ଼ି ହେବା ପାଇଁ ପୁନେ (ଫର୍‌ଗୁସନ କଲେଜ,ଆସନ୍ତା ମେ' ୧୨ ତାରିଖ ଦିନ ୩.୩୦ରୁ ସନ୍ଧ୍ୟା ୫.୩୦), ହାଇଦ୍ରାବାଦ (ବି ହବ୍, ବାରା ହିଲ୍‌ସ, ଆସନ୍ତା ମେ' ୧୯ ତାରିଖ ସନ୍ଧ୍ୟା ୬ରୁ ରାତି ୮ଟା), ବେଙ୍ଗାଲୁରୁ, କୋଲକାତା ଓ ଡେହରାଡୁନ୍ ଆଦି ୫ଟି ସହରରେ ସମ୍ମିଳନୀର ଆୟୋଜନ କରାଯିବ । ଏହି ସମ୍ମିଳନୀଗୁଡିକ ଆସନ୍ତା ମେ' ୧୨ ତାରିଖରୁ ୨୭ ତାରିଖ ୨୦୨୩ ପର୍ଯ୍ୟନ୍ତ ଆୟୋଜିତ ହେବ ଯାହା ଏହି ଅନୁଦାନର ପଦକ୍ଷେପ ଓ ଚୟନ ପ୍ରକ୍ରିୟାଗୁଡିକ ଉପରେ ଆଶାୟୀ ଆବେଦନକାରୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଟିଏଚ୍‌ଟି ଅନୁଦାନର ସଫଳତା ସମ୍ପର୍କରେ ମତପ୍ରକାଶ କରି ଦି ହାବିଟାଟ୍‌ସ ଟ୍ରଷ୍ଟର ମୁଖ୍ୟ ରଷିକେଶ ଚଭନ କହିଛନ୍ତି, 'ଏହି ଅନୁଦାନଗୁଡିକର ସଂରକ୍ଷଣ ପ୍ରୟାସ ଉପରେ ରହିଥିବା ପ୍ରଭାବକୁ ଦେଖି ଆମେ ଖୁସି ଅନୁଭବ କରୁଛୁ । ୨୦୨୦ରେ ନାଚ୍ୟୋର୍ କନ୍‌ଜର୍‌ଭେଶନ ଫାଉଣ୍ଡେଶନ (ଏନ୍‌ସିଏଫ୍)କୁ ଦିଆଯାଇଥିବା ଅନୁଦାନ ଏକ ପ୍ରମୁଖ ଉଦାହରଣ ଅଟେ ଯାହା ଗତ ଦେଢ ବର୍ଷ ମଧ୍ୟରେ ତାମିଲନାଡୁର ଭାଲାପାରି ଅଂଚଳରେ ଶୂନ ହାତୀ ମୃତ୍ୟୁ ଲକ୍ଷ୍ୟ ହାସଲ କରିପାରିଛି । ଏହି ଫଳାଫଳଗୁଡିକ ଦର୍ଶାଉଛି ଯେ, ସଂରକ୍ଷଣ କ୍ଷେତ୍ରରେ ଆମର ରଣନୈତିକ ନିବେଶଗୁଡିକ ତୃଣମୂଳ ସ୍ତରରେ ଏକ ବାସ୍ତବ ପରିବର୍ତ୍ତନ ଆଣିପାରୁଛି ।' ଭାରତର ଜୈବ ବିବିଧତାର ସଂରକ୍ଷଣ ପାଇଁ କାର୍ଯ୍ୟ କରୁଥିବା ଆଶାୟୀ ଅନୁଦାନପ୍ରାପ୍ତ ଓ ଅଣଲାଭକାରୀ ସଂସ୍ଥାଗୁଡିକକୁ ମୋଟ ୩.୨୦ କୋଟି ଟଙ୍କାର ଅନୁଦାନ ରାଶି ଆବଂଟନ କରାଯିବ । ୧ କୋଟି ଟଙ୍କା ଲେଖାଏଁ ଟିଏଚ୍‌ଟି କନ୍‌ଜର୍ଭେଶନ ଗ୍ରାଂଟ୍‌କୁ ଦୁଇଟି ସଂସ୍ଥାକୁ ପ୍ରଦାନ କରାଯିବ । ଦ ହାବିଟାଟ୍‌ସ ଟ୍ରଷ୍ଟ କନ୍‌ଜର୍ଭେଶନ ଗ୍ରାଂଟ୍ ଅଜଣା ପ୍ରଜାତି ଓ ଗୁରୁତର ଅବସ୍ଥାରେ ଥିବା ପ୍ରାକୃତିକ ବାସସ୍ଥାନଗୁଡିକର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥାଗୁଡିକୁ ସହଯୋଗ କରିବ । ଏହି ଅନୁଦାନ ସର୍ବନିମ୍ନ ୫ ବର୍ଷ ପାଇଁ ବନ୍ୟଜୀବ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରିବାର ଏକ ପ୍ରମାଣିତ ରେକର୍ଡ ଥିବା ସଂସ୍ଥାଗୁଡିକ ପାଇଁ ଖୋଲା ରହିଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray